সର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

e-paper www.sambadkalika.in

TM

# ସମ୍ବାଦ କଳିକା

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

The Sambad Kalika

• ବର୍ଷ–୩୦ • ସଂଖ୍ୟା–୩୩୭ • ୬ ଜାନୁଆରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -30 • Issue-337

• 6th January 2024, Saturday • Bhubaneswar | Licensed to post without pre-payment of postage No- BN-60/22-24


# ବଡଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଓ ବଡ ମେଡିକାଲର ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ବଡ ସ୍ୱପ୍ନ ଥିଲା

**ଭୁବନେଶ୍ୱର, ୫।୧**

**ନ୍ୟୁଜ୍ ବ୍ୟୁରୋ**

ବଡଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଆଉ ବଡ ମେଡିକାଲର ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ବଡ ସ୍ୱପ୍ନ ଥିଲା। କଟକ ଏସସିବି ମେଡିକାଲର ରୂପାନ୍ତରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଚାହୁଁଥିଲେ, ଚିକିତ୍ସା ପାଇଁ କେହି ଓଡ଼ିଶା ବାହାରକୁ ନଯାଆନ୍ତୁ। ଏମସ ପ୍ଲସ ଭଳି ଏସସିବିକୁ କରିବାକୁ ଚାହୁଁଥିଲେ। ଏବେ ଏହାକୁ ଭାରତରେ ୫ନମ୍ବର ବଡ଼ ହସପିଟାଲ କରିଛନ୍ତି। ବଡଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଆଉ ବଡ ମେଡିକାଲର ରୂପାନ୍ତରଣ କାମ ମୁଖ୍ୟମନ୍ତ୍ରୀଙ୍କ ବଡ ସ୍ୱପ୍ନ ଥିଲା ବୋଲି କହିଛନ୍ତି ୫–ଟି ତଥା ଆମ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ । ସେ କହିଛନ୍ତି ଆସନ୍ତା ଶହେ ବର୍ଷକୁ ପ୍ଲାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି ରୂପାନ୍ତରଣ କରିଛନ୍ତି। ଦିନିକିଆ କଟକ ଗସ୍ତରେ ଯାଇଥିବାବେଳେ ଉପର ବାଲିଯାତ୍ରା ପଡିଆଠାରେ ଆୟୋଜିତ ସଭାରେ ଏହା କହିଛନ୍ତି ଶ୍ରୀ ପାଣ୍ଡିଆନ।



କଟକର ମେରୁଦଣ୍ଡ ତାଳଦଣ୍ଡା କେନାଲକୁ ନୂଆ ରୂପ ଦିଆଯିବା ପଛର କାହାଣୀ କହିଥିଲେ ଶ୍ରୀ ପାଣ୍ଡିଆନ । ସେ କହିଥିଲେ ଯେ, ଥରେ କେନ୍ଦ୍ରାପଡ଼ାରୁ ହେଲିକପ୍ଟରରେ ଆସିଲା ବେଳେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ କଥା କହିଥିଲେ। ତାଳଦଣ୍ଡା କେନାଲର ଐତିହ୍ୟ *(ପୃଷ୍ଠା ୭ରେ)*

# ରାଜ୍ୟରେ ୩ କୋଟି ୩୨ ଲକ୍ଷ ଭୋଟର

**ଭୁବନେଶ୍ୱର, ୫।୧**

**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ–୨୦୨୪କୁ ଆଖି ଆଗରେ ରଖି ଆମ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଗତବର୍ଷ ଅକ୍ଟୋବର ୨୭ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏ ସମ୍ପର୍କରେ ଉପସ୍ଥିତ ରାଜନୈତିକ ଦଳମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଅବଗତ କରାଇଛନ୍ତି।୨୦୨୪ରେ ମୋଟ ୧୨ ଲକ୍ଷ ୯୭




ହଜାର ୯୫୪ ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେଥିମଧ୍ୟରୁ ୧୮–୧୯ ବର୍ଷର ୪ ଲକ୍ଷ ୭୬ ହଜାର ୯୬୯ ଜଣ ଯୁବ ଭୋଟର ନୂତନ ଭୋଟର ତାଲିକାରେ ଯୋଡ଼ି ହୋଇଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ହେଲା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦ ଜଣ। ସେଥିମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୮ ଲକ୍ଷ ୫୦ ହଜାର ୯୪୯ ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ କୋଟି ୬୩ ଲକ୍ଷ ୮୨ *(ପୃଷ୍ଠା ୭ରେ)*





ଖୋର୍ଦ୍ଧା ରୋଡ୍–ବଲାଙ୍ଗିର ନୂତନ ରେଳ ଲାଇନର
ନୂଆଗାଁ ରୋଡ୍–ଦଶପଲ୍ଲା ସେକ୍ସନ
ଓ
ଦଶପଲ୍ଲା ରେଳ ଷ୍ଟେସନ ଭବନର
ଉଦ୍‌ଘାଟନ
ଏବଂ
4ଟି ଟ୍ରେନ ସେବାକୁ ଦଶପଲ୍ଲା ପର୍ଯ୍ୟନ୍ତ ସଂପ୍ରସାରଣର
ଶୁଭାରମ୍ଭ

ସୁବିଧା
- ଦୁଇଟି ଲୁପ୍ ଲାଇନ୍ ସହିତ ତିନୋଟି ଲାଇନ ଷ୍ଟେସନ
- ପ୍ଲାଟଫର୍ମ ଆଶ୍ରୟସ୍ଥଳ ସହିତ ଦୁଇଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ
- ଉଭୟ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ୍ ଓଭର ବ୍ରିଜ
- ପାର୍କିଂ ସୁବିଧା ସହିତ ପରିଚଳନ କ୍ଷେତ୍ର
- ଏହି ଅଞ୍ଚଳର ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା
- ପୁରୀ, ଭୁବନେଶ୍ୱର ଏବଂ ଭଦ୍ରକ ସହିତ ସିଧାସଳଖ ଟ୍ରେନ୍ ସଂଯୋଗ
- ଦଶପଲ୍ଲା ସହିତ ସଂଯୋଗ ହେଉଥିବା ଉପାନ୍ତ ଅଞ୍ଚଳର ଲୋକମାନେ ଉପକୃତ ହେବେ
- ନିକଟସ୍ଥ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶକୁ ଗତି ପ୍ରଦାନ କରିବ

ଅଶ୍ୱିନୀ ବୈଷ୍ଣବ
ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଭାରତ ସରକାର
ଙ୍କ ଦ୍ୱାରା

ତାରିଖ : 6 ଜାନୁୟାରୀ, 2024 | ସମୟ : 0930 ଘଟିକା | ସ୍ଥାନ : ଦଶପଲ୍ଲା ରେଳ ଷ୍ଟେସନ

ସମସ୍ତଙ୍କୁ ସାଦର ଆମନ୍ତ୍ରଣ

D-20/23-24



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in




Follow us on: www.facebook/@EASTCOASTRailway1 www.twitter.com/EastCoastRail www.instagram.com/cproecor



DSPL-514

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରଦାନ ନିମନ୍ତେ
ଅଗ୍ରଣୀ ବ୍ୟାଙ୍କମାନଙ୍କୁ
ମୁଖ୍ୟମନ୍ତ୍ରୀ ପୁରସ୍କାର

ପୁରସ୍କାର ପ୍ରଦାନ କ୍ଷେତ୍ର
- କୃଷକମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
- କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ









ପ୍ରତ୍ୟେକ କ୍ଷେତ୍ର ପାଇଁ ପୁରସ୍କାର ରାଶି

| ପ୍ରଥମ ପୁରସ୍କାର | ଦ୍ୱିତୀୟ ପୁରସ୍କାର | ତୃତୀୟ ପୁରସ୍କାର |
|---|---|---|
| ₹୫ ଲକ୍ଷ | ₹୩ ଲକ୍ଷ | ₹୨ ଲକ୍ଷ |

ଅର୍ଥ ବିଭାଗ

ମୁଖ୍ୟ ଅତିଥି
ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସ୍ଥାନ: କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
୬ ଜାନୁଆରୀ ୨୦୨୪, ସନ୍ଧ୍ୟା ୫.୦୦

OIPR : 05001/13/0020/2324

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜାନୁଆରୀ ୨୦୨୪ ଶନିବାର





# ଓଡ଼ିଶାର ୧୮ ବ୍ଲକ୍‌ରେ ଖୋଲିବ +୩ ମହାବିଦ୍ୟାଳୟ

ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ମହାବିଦ୍ୟାଳୟ ନଥିବା ୧୮ଟି ବ୍ଲକ୍‌ରେ ଖୋଲିବ +୩ ମହାବିଦ୍ୟାଳୟ। କଳା ବିଭାଗରେ ଛାତ୍ରଛାତ୍ରୀମାନେ ଏଠାରେ ଅଧ୍ୟୟନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷରୁ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ ହେବ। ଶିକ୍ଷାରେ ସମାନତା ଓ ଉତ୍କର୍ଷ ଆଣିବା ସହ ସୁଦୂରପ୍ରସାରୀ କରିବା ପାଇଁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୪ଟି ମହାବିଦ୍ୟାଳୟ ଖୋଲିବାକୁ ଥିବା ବେଳେ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୩ଟି ଲେଖାଏଁ ମହାବିଦ୍ୟାଳୟ ଖୋଲିବ।



ବିଜ୍ଞପ୍ତି ଅନୁଯାୟୀ, ଗଜପତି ଜିଲ୍ଲାର ଗୁମ୍ମା, ଗଞ୍ଜାମର ଧରାକୋଟ, କଳାହାଣ୍ଡିର ଥୁଆମୂଳ ରାମପୁର, କନ୍ଧମାଳର ଖଜୁରିପଡ଼ା, କୋରାପୁଟର ବନ୍ଧୁଗାଁ ଓ ନାରାୟଣପାଟଣା, ମାଲକାନଗିରିର ଚିତ୍ରକୋଣ୍ଡା, ମୟୂରଭଞ୍ଜର ତିରିଂ, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ, ରାଇଘରରେ ମହାବିଦ୍ୟାଳୟ ଖୋଲିବ। ସେହିପରି ରାୟଗଡ଼ା ଜିଲ୍ଲାର କାଶୀପୁର, ରାମନଗୁଡ଼ା ଓ ଚନ୍ଦ୍ରପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ, ଗୁରୁଣ୍ଡିଆ ଓ କୁଆଁରମୁଣ୍ଡା ଆଦି ବ୍ଲକ୍‌ରେ ସ୍ନାତକ ମହାବିଦ୍ୟାଳୟ ଖୋଲିବ। ଏହି ସମସ୍ତ ମହାବିଦ୍ୟାଳୟଗୁଡ଼ିକ ବ୍ଲକ ମୁଖ୍ୟାଳୟଠାରୁ ୫କିମି ପରିସୀମା ଭିତରେ ରହିବ। ଏଥିପାଇଁ ୧୦ ଏକର ଜମି ଯୋଗାଇଦେବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ବିକାଶ ନହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶ୍ରେଣୀଗୃହରେ ଶିକ୍ଷାଦାନ କରିବାକୁ ବିଭାଗ ପକ୍ଷରୁ ଦର୍ଶାଯାଇଛି।

# ଜାହାଜ ଅପହରଣ ଘଟଣା: ୧୫ଭାରତୀୟଙ୍କୁ ଛାଡ଼ିବାକୁ ଚେତାବନୀ ଦେଲା ନୌସେନା

ନୂଆଦିଲ୍ଲୀ

୧୫ଜଣ ଭାରତୀୟ ନାବିକ ଥିବା ଲିବେରିଆରେ ପଞ୍ଜୀକୃତ ଏକ ବାଣିଜ୍ୟ ପୋତକୁ ସୋମାଲିଆ ଉପକୂଳବର୍ତ୍ତୀ ସମୁଦ୍ରରେ ଅପହରଣ କରି ନିଆଯାଇଥିଲା। ଏବେ ନାବିକଙ୍କୁ ଉଦ୍ଧାର କରିବା ପାଇଁ ଅପହରଣ ହୋଇଥିବା ଜାହାଜ ପାଖରେ ପହଞ୍ଚିଛି ଭାରତୀୟ ନୌସେନା ଯୁଦ୍ଧ ଜାହାଜ ଆଇଏନଏସ। ଚେନ୍ନାଇରେ ଭାରତୀୟ ନୌସେନାର ଅଭିଜ୍ଞ ସାମୁଦ୍ରିକ କମାଣ୍ଡୋ ଅପହରଣ ହୋଇଥିବା ଜାହାଜ ଏମ୍‌ଭି ଲୀଲା ନର୍ଫକ ପାଖରେ ପହଞ୍ଚିଛନ୍ତି। ନାବିକଙ୍କୁ ଛାଡ଼ିବା ପାଇଁ ଅପହରଣକାରୀଙ୍କୁ ଚେତାବନୀ ଦେବା ସହ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି।



ଉଲ୍ଲେଖଯୋଗ୍ୟ, ଗୁରୁବାର ୫/୬ଜଣ ଅଜ୍ଞାତ ଅସ୍ତ୍ରଧାରୀ ବ୍ୟକ୍ତି ବାଣିଜ୍ୟ ପୋତ ଭିତରକୁ ପ୍ରବେଶ କରିଥିବା କଥା କହି ଉକ୍ତ ବାଣିଜ୍ୟପୋତ ସତର୍କ ସୂଚନା ଜାରି କରିଥିଲା। ବାଣିଜ୍ୟ ପୋତ ଏମ୍‌ଭି ଲୀଲା ନର୍ଫକ୍‌କୁ ଅପହରଣ କରାଯାଇଥିବା କଥା ଗୁରୁବାର ସନ୍ଧ୍ୟାରେ ସୂଚନା ପାଇବା ପରେ ଭାରତୀୟ ନୌସେନା ଜାହାଜର ଗତିବିଧି ଉପରେ ନଜର ରଖିଥିଲା। ଜାହାଜକୁ ଉଦ୍ଧାର କରିବା ଲାଗି ସେ ଅଞ୍ଚଳରେ ଥିବା ମେରିଟାଇମ ସିକ୍ୟୁରିଟି ଟାସ୍କ ଫୋର୍ସର (ଏମ୍‌ଏନ୍‌ଏଫ୍) ବିଭିନ୍ନ ଏଜେନ୍ସିମାନଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଏବେ ସଫଳତାର ସହ ନୌସେନାର ଅଭିଜ୍ଞ ସାମୁଦ୍ରିକ କମାଣ୍ଡୋ ଅପହରଣ ହୋଇଥିବା ଜାହାଜ ପାଖରେ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଥିବା ଜଣାପଡ଼ିଛି।

# ରାଜ୍ୟରେ ଦୁଇ ଦିନ ଘଡ଼ଘଡ଼ି ସହ ହାଲୁକା ବର୍ଷା ସମ୍ଭାବନା



ଭୁବନେଶ୍ୱର,ନ୍ୟୁଜ୍ ବ୍ୟୁରୋ

ଉତ୍ତର-ପଶ୍ଚିମ ଓଡ଼ିଶାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝରର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଓ ମୟୂରଭଞ୍ଜର ସ୍ଥାନେ ସ୍ଥାନେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

ରାଜ୍ୟର ବାକି ଅଞ୍ଚଳରେ ପାଗ ଶୁଖିଲା ରହିବ। ମାତ୍ର ଶୀତ ବଢ଼ିବାର ସମ୍ଭାବନା ନାହିଁ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଶୀତ ବଢ଼ିବା ସମ୍ଭାବନା ଦେଖାଯାଉନି। ହେଲେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳର କେତେକ ଅଞ୍ଚଳରେ କୁହୁଡ଼ି ରହିବ। ଆସନ୍ତା ୩ ଦିନ ଘନ କୁହୁଡ଼ି ସମ୍ଭାବନା ଅଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୭ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ଘନ କୁହୁଡ଼ି ଦେଖାଯାଇପାରେ।

ଶୁକ୍ରବାର ସକାଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମରୁ ଘନ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି।

# ଧର୍ମେନ୍ଦ୍ର ପ୍ରଧାନ, ମନମୋହନ ସିଂ, ସଞ୍ଜୟ ସିଂଙ୍କ ସମେତ ୬୮ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଏହି ବର୍ଷ ଶେଷ ହେବ

ନୂଆଦିଲ୍ଲୀ

ଚଳିତ ବର୍ଷ ୯ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୬୮ ଜଣ ରାଜ୍ୟସଭା ସଦସ୍ୟଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ୬୮ ଆସନ ମଧ୍ୟରୁ ଦିଲ୍ଲୀର ୩ ଆସନ ଲାଗି ନିର୍ବାଚନ ଘୋଷଣା କରାଯାଇଛି। ଉକ୍ତ ଆସନର ଏଏପି ନେତା ସଞ୍ଜୟ ସିଂ, ନାରାୟଣ ଦାସଗୁପ୍ତା ଏବଂ ସୁଶୀଲ କୁମାର ଗୁପ୍ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୭ରେ ଶେଷ ହେବାକୁ ଯାଉଛି। ସେହିପରି ସିକିମ୍‌ରୁ ଖାଲିହେବାକୁ ଥିବା ଏକମାତ୍ର ଆସନ ପାଇଁ ମଧ୍ୟ ନିର୍ବାଚନ ଘୋଷଣା କରାଯାଇଛି। ଫେବୃୟାରୀ ୨୩ରେ ଉକ୍ତ ଆସନରୁ ଏମ୍‌ପି ଥିବା ଏସଡିଏଫ ନେତା ହିଶେୟ ଲାଚୁଙ୍ଗପା ଅବସର ନେବେ। ଆସନ୍ତା ଏପ୍ରିଲରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ଶେଷ ହେବ। ସେହିପରି ଓଡ଼ିଶାରୁ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ, ଭାଜପା ମୁଖ୍ୟ ମୁଖପାତ୍ର ଅନିଲ ବାଲୁନି (ଉତ୍ତରାଖଣ୍ଡ), ମତ୍ସ୍ୟ ସମ୍ପଦ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା, ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନାରାୟଣ ରାଣେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡ଼କର



ପ୍ରମୁଖଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି।

ଉତ୍ତରପ୍ରଦେଶରୁ ସର୍ବାଧିକ ୧୦ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ବିହାର ଏବଂ ମହାରାଷ୍ଟ୍ରରୁ ୬ଟି ଲେଖାଏଁ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ୫ ଲେଖାଏଁ, କର୍ଣ୍ଣାଟକ ଓ ଗୁଜରାଟରେ ୪ଟି ଲେଖାଏଁ, ଓଡ଼ିଶା, ତେଲଙ୍ଗାନା, କେରଳ ଓ ଆନ୍ଧ୍ରପ୍ରଦେଶରେ ୩ଟି ଲେଖାଏଁ ଆସନ ଖାଲି ହେବ। ସେହିପରି ଝାଡ଼ଖଣ୍ଡ ଓ ରାଜସ୍ଥାନରୁ ୨ଟି ଲେଖାଏଁ ଆସନ ଖାଲି ହେବାକୁ ଥିବା ବେଳେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ହରିୟାଣା ଏବଂ ଛତିଶଗଡ଼ରୁ ଗୋଟିଏ ଲେଖାଏଁ ଆସନ ଖାଲି ହେବାକୁ ଯାଉଛି। ଜୁଲାଇରେ ୪ ମନୋନୀତ ସଦସ୍ୟ ମଧ୍ୟ ଅବସର ନେବେ। ହିମାଚଳପ୍ରଦେଶରେ କଂଗ୍ରେସ କ୍ଷମତାରେ ଥିବାରୁ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଅନ୍ୟ କୌଣସି ରାଜ୍ୟରୁ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ସେହିପରି କର୍ଣ୍ଣାଟକ ଓ ତେଲଙ୍ଗାନାରେ କଂଗ୍ରେସ କ୍ଷମତାରେ ଥିବାରୁ ସେଠାରୁ ଦଳୀୟ ପ୍ରତିନିଧିଙ୍କୁ ରାଜ୍ୟ ସଭାକୁ ପଠାଇବ। କର୍ଣ୍ଣାଟକରୁ ୪ ସଦସ୍ୟ ଚଳିତ ବର୍ଷ ଅବସର ନେଉଥିବାବେଳେ ତେଲଙ୍ଗାନାରୁ ୩ ଜଣଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହିସବୁ ଆସନ ପାଇଁ ଚଳିତ ବର୍ଷ ନିର୍ବାଚନ ହେବାକୁ ଯାଉଛି। ମନୋନୀତ ସଦସ୍ୟଙ୍କ ମଧ୍ୟରୁ ମହେଶ ଜେଠ୍‌ମାଲାନି, ସୋନାଲ ମାନ୍‌ସିଂ, ରାମ ଶକଲ ଏବଂ ରାକେଶ ସିହ୍ନା ଜୁଲାଇରେ ଅବସର ନେବେ।


# ବାଧ୍ୟତାମୂଳକ ବିବାହ ଆଇନ୍‌ଗତ କି ନା ସ୍ଥିର କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ

ପାଟନା ହାଇକୋର୍ଟଙ୍କ ପାକଡ଼ୌଆ ବିବାହ କିମ୍ବା ବାଧ୍ୟତାମୂଳକ ବିବାହ ବା ଜୋର ଜବରଦସ୍ତ ବିବାହ ବାତିଲ କରିବାକୁ ପାଟନା ହାଇକୋର୍ଟଙ୍କ ଏକ ଆଦେଶ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ଉପରେ ନୋଟିସ ଜାରି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତିର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ ସ୍ଥଗିତ ରହିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୦୨୩ରେ, ପାଟନା ହାଇକୋର୍ଟ ବାଧ୍ୟତାମୂଳକ ବିବାହ ମାମଲାକୁ ବାତିଲ କରିଦେଇଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ପାରମ୍ପରିକ ହିନ୍ଦୁ ଧର୍ମ ସପ୍ତପର୍ବ ଏବଂ ଦତ ହୋମର ଅନୁପସ୍ଥିତିରେ ବୈଧ ନୁହେଁ। ଯଦି ସପ୍ତପଦୀପୂରଣ ନହୁଏ, ତେବେ ବିବାହ ସଂପୂର୍ଣ୍ଣ ଏବଂ ବାଧ୍ୟତାମୂଳକ ବୋଲି ବିବେଚନା କରାଯିବ ନାହିଁ।

ହାଇକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ଆବେଦନକାରୀ (ଜଣେ ସେନା କର୍ମଚାରୀ) କହିଛନ୍ତି ଯେ ତାଙ୍କୁ ବନ୍ଧୁକ ମୁନରେ ବିବାହ କରିବାକୁ ବାଧ କରାଯାଇଛି। ସେ କୌଣସି ଧାର୍ମିକ କିମ୍ବା ଆଧ୍ୟାତ୍ମିକ ରୀତିନୀତି ବିନା ଝିଅର ମଥାକୁ



ସିନ୍ଦୁରରେ ଭରିବାକୁ ବାଧ ହୋଇଥିଲେ।

ଅନ୍ୟପକ୍ଷରେ, ଝିଅଟି କହିଛି ଯେ ସମସ୍ତ ବିବାହ ହିନ୍ଦୁ ରୀତିନୀତି ଅନୁଯାୟୀ ଜୁନ ୨୦୧୩ରେ ହୋଇଥିଲା। ବିବାହ ସମୟରେ ତାଙ୍କ ପିତା ମଧ୍ୟ ୧୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପହାର ଦେଇଥିଲେ। ସୂଚନାଯୋଗ୍ୟ, ବାଧ୍ୟତା-ମୂଳକ ବିବାହରେ ପୁଅମାନଙ୍କୁ ଅପହରଣ କରି କିମ୍ବା ଫୁସୁଲାଇ ବନ୍ଧକ କରି ଦିଆଯାଇଥାଏ।

# କେବଳ ବିରଳ ମାମଲାରେ ତଦନ୍ତକୁ ହସ୍ତାନ୍ତର କରାଯିବା ଉଚିତ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ

ସୁପ୍ରିମକୋର୍ଟ କହିଛନ୍ତି ଯେ ତାଙ୍କ ପାଖରେ ବାସ୍ତବରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ)କୁ ତଦନ୍ତ ସ୍ଥାନାନ୍ତର କରିବା ଅଥବା ଏପରିକି ବିଶେଷ ଯାଞ୍ଚ ଦଳ (ଏସଆଇଟି) ଗଠନ ନିମନ୍ତେ କ୍ଷମତା ଅଛି, ତେବେ ଏପରି କ୍ଷମତାର ପ୍ରୟୋଗ କେବଳ ଅସାଧାରଣ ସ୍ଥିତିରେ ହିଁ କରାଯାଇ ପାରିବ। ଭାରତର ମୁଖ୍ୟ ନ୍ୟାୟାଧୀଶ (ସିଜେଆଇ) ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠ ଆଦାନୀ ସମୂହଙ୍କ ବିରୋଧରେ ହିଣ୍ଡନବର୍ଗ ରିସର୍ଚ୍ଚଙ୍କ ଅଭିଯୋଗର ତଦନ୍ତ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ରୁ ସିବିଆଇକୁ ସ୍ଥାନାନ୍ତରିତ କରିବା ଅଥବା ଏସଆଇଟି ଗଠନ ନିମନ୍ତେ ଆବେଦନର ଶୁଣାଣିରେ ଏହା କହିଛନ୍ତି।

ଆଦାନୀ-ହିଣ୍ଡନବର୍ଗ ମାମଲାରେ ସୁପ୍ରିମକୋର୍ଟ ବୁଧବାର ଅଭିଯୋଗର ତଦନ୍ତ ବିଶେଷ ଯାଞ୍ଚ ଦଳ (ଏସଆଇଟି) ଅଥବା ସିବିଆଇକୁ ପ୍ରଦାନ କରିବାକୁ ମନା କରିଦେଇଥିଲେ। ପ୍ରସଙ୍ଗରେ ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ ଯେ ସାଧାରଣତଃ



ନ୍ୟାୟାଳୟଙ୍କୁ ସେହି ପ୍ରାଧିକାର(ଅଥରିଟି)ଙ୍କ ସ୍ଥାନ ନେବା ଉଚିତ ନୁହେଁ, ଯାହାକୁ ଯାଞ୍ଚ କରିବାକୁ ଶକ୍ତି ଦିଆଯାଇଛି। ରାୟରେ ସ୍ପଷ୍ଟ କରାଯାଇଛି ଯେ ନ୍ୟାୟର ସମ୍ଭାବିତ ବିଫଳତା ସଂକେତ ଦେଉଥିବା ମଜଭୁତ ଔଚିତ୍ୟ ଅଭାବରେ କୋର୍ଟଙ୍କ ଦ୍ୱାରା ଏପରି ଶକ୍ତିର ପ୍ରୟୋଗ କରାଯିବା ଉଚିତ ନୁହେଁ।

ଏଥିରେ କୁହାଯାଇଛି ଯେ ସ୍ଥାନାନ୍ତରଣର ଦାବି କରୁଥିବା ଆବେଦନକାରୀଙ୍କ ଉପରେ ମଜଭୁତ ପ୍ରମାଣ ଉପସ୍ଥାପନ କରିବାର ଦାୟିତ୍ୱ ଥିଲା। ତେବେ କୋର୍ଟ କହିଛନ୍ତି ଯେ ସିବିଆଇ ଭଳି ଯାଞ୍ଚ ଏଜେନ୍ସୀଙ୍କୁ ତଦନ୍ତ ସ୍ଥାନାନ୍ତରିତ କରିବାର ଶକ୍ତି କେବଳ ବିରଳ ଓ ଅସାଧାରଣ ମାମଲାରେ ଲାଗୁ କରାଯିବା ଦରକାର। ଏଣୁ କୌଣସି ବ୍ୟକ୍ତି ଏହି କଥା ଉପରେ ଜୋର ଦେଇପାରିବେନି ଯେ ଅପରାଧର ଯାଞ୍ଚ କୌଣସି ବିଶେଷ ଏଜେନ୍ସୀ ଦ୍ୱାରା କରାଯାଉ।

କୋର୍ଟ ଆଦେଶର ନିଷ୍କର୍ଷକୁ ପଢି କହିଥିଲେ ଯେ ସେବି ୨୨ରୁ ୨୦ଟି ମାମଲାର ତଦନ୍ତ ଶେଷ କରିଛନ୍ତି। ଏଥିରେ ସଲିସିଟର ଜେନେରାଲଙ୍କ ଆସନକୁ ଧ୍ୟାନରେ ରଖି ସେବିଙ୍କୁ ଅନ୍ୟ ଦୁଇଟି ମାମଲାରେ ତଦନ୍ତ ୩ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଉଛୁ। ଉଲ୍ଲେଖ ଯୋଗ୍ୟ ଯେ, ସୁପ୍ରିମକୋର୍ଟ ଆମେରିକୀୟ ଆର୍ଥିକ ଗବେଷଣା କମ୍ପାନୀ ହିଣ୍ଡନବର୍ଗ ରିସର୍ଚ୍ଚ ଦ୍ୱାରା ଜାନୁୟାରୀ ୨୦୨୩ରେ ପ୍ରକାଶିତ ରିପୋର୍ଟ ସମ୍ପର୍କିତ ୪ଟି ଆବେଦନ ଉପରେ ବିଚାର କରୁଛନ୍ତି, ଯେଉଁଥିରେ ସେୟାର ମୂଲ୍ୟକୁ ବଢେଇ ଚଢେଇ ଉପସ୍ଥାପନ କରିବାପାଇଁ ଆଦାନୀ ସମୂହଙ୍କ ଉପରେ ଠକେଇର ଅଭିଯୋଗ ହୋଇଛି। ଏହି ରିପୋର୍ଟ କାରଣରୁ ଆଦାନୀ ସମୂହଙ୍କ ବିଭିନ୍ନ କମ୍ପାନୀଙ୍କ ସେୟାର ମୂଲ୍ୟ ହ୍ରାସ ହୋଇଥିଲା ଓ ସମୂହଙ୍କୁ କଥିତ ରୂପେ ୧୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ହୋଇଥିଲା।

# ଡିସିଜିଆଇଙ୍କ ବଡ଼ ନିଷ୍ପତ୍ତି: ରକ୍ତ ପାଇଁ ଅଧିକ ଚାର୍ଜ କରିପାରିବେନି ହସ୍ପିଟାଲ ଓ ବ୍ଲଡ୍ ବ୍ୟାଙ୍କ

ନୂଆଦିଲ୍ଲୀ

ହସ୍ପିଟାଲ୍‌ଗୁଡ଼ିକରେ ରକ୍ତ ଦେବା ପାଇଁ ଅଧିକ ଟଙ୍କା ଚାର୍ଜ କରୁଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ଔଷଧ ନିୟନ୍ତ୍ରଣ ମହାନିର୍ଦ୍ଦେଶକ(ଡିସିଜିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମୂଲ୍ୟ କମ୍ କରି କେବଳ ପ୍ରୋସେସିଂ ଫି' ନିଆଯାଉ ବୋଲି ଡିସିଜିଆଇ ଦେଶର ସମସ୍ତ ହସ୍ପିଟାଲ୍‌ଗୁଡ଼ିକ ଓ ବ୍ଲଡ୍ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି

ଏହି ନିର୍ଦ୍ଦେଶ ସମ୍ପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟନ୍ତ୍ରକ ଓ ଲାଇସେନ୍ସ ପ୍ରାପ୍ତ ସଂସ୍ଥାକୁ ସୂଚିତ କରି ଦିଆଯାଇଛି। ହସ୍ପିଟାଲ୍‌ଗୁଡ଼ିକରେ ରକ୍ତ ଆବଶ୍ୟକ କରୁଥିବା ପରିବାର କିଭଳି ବିପଦ ସମୟରେ ଶୋଷଣର ଶିକାର ହେଉଛନ୍ତି ସେ ନେଇ ଅଭିଯୋଗ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ଔଷଧ ପରାମର୍ଶଦାତା କମିଟି ପକ୍ଷରୁ ୨୦୨୩ ସେପ୍ଟେମ୍ବର ୨୬ ତାରିଖରେ ୬୨ତମ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ରକ୍ତ ପାଇଁ ଅଧିକ ମୂଲ୍ୟ ନିଆଯାଉଥିବା ସମସ୍ୟା ବିଷୟରେ



ଆଲୋଚନା କରାଯାଇଥିଲା।

ବୈଠକରେ କୁହାଯାଇଥିଲା ଯେ ରକ୍ତ ବିକ୍ରି ପାଇଁ ନୁହେଁ ବରଂ ଯୋଗାଇବା ପାଇଁ ହୋଇଛି। ତେଣୁ ବ୍ଲଡ୍ ସେଣ୍ଟରମାନେ କେବଳ ପ୍ରୋସେସିଂ ଫି' ଚାର୍ଜ କରିବା ଉଚିତ। ସଂଶୋଧିତ ଗାଇଡ୍‌ଲାଇନ ଅନୁସାରେ ରକ୍ତଯୋଗାଣ କେନ୍ଦ୍ରଗୁଡ଼ିକ ରକ୍ତ ଓ ରକ୍ତସାମଗ୍ରୀ ପାଇଁ କେବଳ ପ୍ରୋସେସିଂ ଫି ନେବେ। ତାହା ପୁଣି ୨୫୦ରୁ ୧୫୫୦ ଭିତରେ ରହିବା ଉଚିତ୍। ଏଥିପାଇଁ ଯେମିତି ନୂଆ ଗାଇଡ୍‌ଲାଇନ ପାଳନ ହୁଏ ଏଥିପାଇଁ ଡିସିଜିଆଇ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟନ୍ତ୍ରକକୁ ନିର୍ଦ୍ଦେଶ ଦେଇଛନ୍ତି।

ପିଟିଆଇ ରିପୋର୍ଟ ଅନୁସାରେ, ରକ୍ତଦାନର ଅଭାବ ଯୋଗୁ ଘରୋଇ ଡାକ୍ତରଖାନାଗୁଡ଼ିକ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ବ୍ଲଡ ୟୁନିଟ ପିଛା ୩ ହଜାର ଓ ୮ ହଜାର ଟଙ୍କା ଚାର୍ଜ କରୁଥିଲେ ଆଉ ଯଦି ରକ୍ତ ଅଭାବ ପଡ଼ିଲା ଓ ବିରଳ ବ୍ଲଡ ଗ୍ରୁପର ରକ୍ତ ଦରକାର ପଡ଼ିଲା ତେବେ ମୂଲ୍ୟ ଆକାଶ ଛୁଆ କରାଯାଉଥିଲା। ହେଲେ ଏବେ ଡିସିଜିଆଇଙ୍କ ଏହି ନିର୍ଦ୍ଦେଶ ପରେ ରୋଗୀଙ୍କ ପାଇଁ ବରଦାନ ସଦୃଶ୍ୟ ହେବ।

# ଦେଶରେ ୭୬୧ କୋଭିଡ୍ ଆକ୍ରାନ୍ତ ଚିହ୍ନଟ; ୧୨ଜଣ ଆକ୍ରାନ୍ତ ମୃତ

ନୂଆଦିଲ୍ଲୀ

ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୭୬୧ଜଣ ନୂଆ କୋଭିଡ୍ ମାମଲା ରିପୋର୍ଟ କରାଯାଇଥିବା କଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୱେବସାଇଟ୍‌ରେ ରିଲିଜ ହୋଇଥିବା ତଥ୍ୟାବଳୀରୁ ଜଣାପଡ଼ିଛି।

ଏହାଛଡ଼ା, ସମଗ୍ର ଦେଶରେ ୧୨ଜଣ କୋଭିଡ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଥିବା କଥା ମଧ୍ୟ ସେଥିରେ ଉଲ୍ଲେଖ କରାଯାଇଛି।

ସେହିପରି, ଦେଶରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪,୩୩୪କୁ ହ୍ରାସ ପାଇଛି। ଗୁରୁବାରଠାରୁ ଶୁକ୍ରବାରର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୯ କମ୍ ଅଛି। କିନ୍ତୁ ୧୨ଜଣଙ୍କର



ମୃତ୍ୟୁ ଘଟିବାରୁ ଦେଶରେ କୋଭିଡ୍‌ଜନିତ ସମୁଦାୟ ମୃତ୍ୟୁସଂଖ୍ୟା ୫,୩୩,୩୮୫କୁ ବୃଦ୍ଧି ପାଇଛି।

ଏଥିରୁ କେରଳରେ ୫ ଜଣ, କର୍ଣ୍ଣାଟକରେ ୪ ଜଣ, ମହାରାଷ୍ଟ୍ରରେ ୨ଜଣ ଓ ଉତ୍ତର ପ୍ରଦେଶରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି।

# ଘନ କୁହୁଡ଼ି ପାଇଁ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ, ଜନଜୀବନ ଅସ୍ତବ୍ୟସ୍ତ

ସୁନ୍ଦରଗଡ
ନ୍ୟୁଜ୍ ବ୍ୟୁରୋ

ଘନ କୁହୁଡ଼ି ପାଇଁ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖିବାକୁ ମିଳୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଘନ କୁହୁଡ଼ି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ରାସ୍ତା ଘାଟରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଦିନ ୧୦ଟା ପର୍ଯ୍ୟନ୍ତ ଘନ କୁହୁଡି ସାଙ୍ଗକୁ ହାଲକା ପବନ ସହିତ ଶୀତ ଅନୁଭୂତ ହେଉଥିବାରୁ ରାସ୍ତା ଘାଟ ଖାଁ ଖାଁ।

ପାଣିପାଗ ବିଭାଗ ପକ୍ଷରୁ ସୂଚନା, ପାଞ୍ଚ ଦିନ ଯାଏ ଘନ କୁହୁଡ଼ି ରହିବ। ଏହି ଶୀତୁଆ ସକାଳର ମଜା ନେଉଛି ତ କିଏ ଶାରୀରିକ



ବ୍ୟାୟାମ କରୁଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ରହିବ କୁହୁଡିର ପ୍ରଭାବ। ଉପକୂଳ ଓ ଉତର ଓଡ଼ିଶାର ଅଧିକାଂଶ ସ୍ଥାନରେ କୁହୁଡି ଅନୁଭୂତ ହେବ। ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ଗାଡି ଚାଳକଙ୍କୁ ପରାମର୍ଶ ଦିଆଯାଇଛି। ଏହା ସହ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

୬ ତାରିଖରେ ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ସେହିପରି ୫ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପ ମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବା ସମ୍ଭାବନା ରହିଛି।

## ନକଲି ହାଲାଲ ପ୍ରମାଣପତ୍ର ମାମଲାରେ ଉତ୍ତରପ୍ରଦେଶ ସରକାରଙ୍କୁ ସୁପ୍ରିମକୋର୍ଟର ନୋଟିସ୍

ନୂଆଦିଲ୍ଲୀ

ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶରେ ହାଲାଲ ସାର୍ଟିଫିକେଟ୍ ସହିତ ଉତ୍ପାଦ ବିକ୍ରୟ ଉପରେ ପ୍ରତିବନ୍ଧକ ଏବଂ ହାଲାଲ ସାର୍ଟିଫିକେଟ୍ ପ୍ରଦାନ କରୁଥିବା ସଂସ୍ଥା ବିରୋଧରେ ଏଫ୍‌ଆଇଆର୍ ରେଜିଷ୍ଟ୍ରେସନ ବିରୋଧରେ ୟୁପି ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

ଚେନ୍ନାଇର ହାଲାଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ମହାରାଷ୍ଟ୍ର ଜମିଆତ ଉଲେମାଙ୍କ ନାମରେ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଏହି ଆବେଦନରେ ୟୁପିରେ ତାଙ୍କ ବିରୋଧରେ ପଞ୍ଜୀକୃତ ହୋଇଥିବା ଏଫଆଇଆର ବାତିଲ କରିବାକୁ ଦାବି କରାଯାଇଛି।

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜାନୁଆରୀ ୨୦୨୪ ଶନିବାର



# ବହୁ ପ୍ରତୀକ୍ଷିତ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ଲୀଳାମୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ନାଗାର୍ଜ୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ପାଲଟି ଥାଏ ଶ୍ରୀକ୍ଷେତ୍ର ପୁରୀ। ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରୀଶ। ଦୁଃଖର ବିଷୟ ଅନେକ ଥର ଅନିୟନ୍ତ୍ରିତ ଭିଡ ଯୋଗୁ ସ୍ୱଷ୍ଟ ଦଳାଚକଟା ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ କରିଛି ଶୋକାକୁଳ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ୍ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ମୃଣାଳିନୀ ପାଢୀ ମାମଲାର ସର୍ବୋଚ୍ଚ ନ୍ୟାୟାଳୟଙ୍କର ତିନିଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ସେହି ପରାମର୍ଶକୁ ଆଉ ଦୁଇ ପାଦ ଆଗେଇ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୧୬.୦୮.୨୦୧୯ ଦିନ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ।

ସେହି ଐତିହାସିକ ନିଷ୍ପତ୍ତିର ନାମ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।

ଯେହେତୁ ସମୟ ଅନୁକ୍ରମରେ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କ ଅସଂଖ୍ୟ ଭିଡ ବଢି ଚାଲିଥିଲା, ଅନେକ ସମୟରେ ପରିସ୍ଥିତି ଅଣାୟତ ହେଉଥିଲା। ତେଣୁ ଯେଉଁଭଳି ଭାବେ ଭକ୍ତ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ସୁରୁଖୁରୁରେ ପାଇପାରିବେ, ତାଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ।

ଅଗଣିତ ଓଡ଼ିଆଙ୍କର ପ୍ରାଣର ପ୍ରିୟତମ ହେଉଛନ୍ତି କୋଟିବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କରି ଦର୍ଶନ ସକାଶେ ବିଶ୍ୱର କୋଣ ଅନୁକୋଣରୁ ବର୍ଷ ସାରା ଶ୍ରୀ ମନ୍ଦିରକୁ ଭକ୍ତଙ୍କର ଭିଡ ଲାଗିଥାଏ। ଅଗଣିତ ଭକ୍ତ ଯେମିତି ବିନା ବାଧାବିଘ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସୁଲଭ ଦର୍ଶନ ପାଇପାରିବେ ସେହି ମହୋତ୍ତର ଲକ୍ଷ୍ୟ ନେଇ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଥିଲା ଯାହା ଏବେ ସଂପୂର୍ଣ୍ଣ ହେବାକୁ ଯାଉଛି। ଅନେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଥିରେ ବାଧା ପହଞ୍ଚାଇବାର ଚେଷ୍ଟା କରିଥିବା ସତ୍ତ୍ୱେ ମହାପ୍ରଭୁଙ୍କର ଅପାର କରୁଣାରୁ ଏହି ମହୋତ୍ତର ପ୍ରକଳ୍ପ ସଂପୂର୍ଣ୍ଣ ହୋଇ ପ୍ରତିଷ୍ଠା ହେବାକୁ ଯାଉଛି।

ଲୀଳାମୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ନାଗାର୍ଜ୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ପାଲଟି ଥାଏ ଶ୍ରୀକ୍ଷେତ୍ର ପୁରୀ। ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରୀଶ। ଦୁଃଖର ବିଷୟ ଅନେକ ଥର ଅନିୟନ୍ତ୍ରିତ ଭିଡ ଯୋଗୁ ସ୍ୱଷ୍ଟ ଦଳାଚକଟା ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ କରିଛି





ଶୋକାକୁଳ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ୍ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ମୃଣାଳିନୀ ପାଢୀ ମାମଲାର ସର୍ବୋଚ୍ଚ ନ୍ୟାୟାଳୟଙ୍କର ତିନିଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ସେହି ପରାମର୍ଶକୁ ଆଉ ଦୁଇ ପାଦ ଆଗେଇ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୧୬.୦୮.୨୦୧୯ ଦିନ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ।

ସେହି ଐତିହାସିକ ନିଷ୍ପତ୍ତିର ନାମ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।

ଯେହେତୁ ସମୟ ଅନୁକ୍ରମରେ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କ ଅସଂଖ୍ୟ ଭିଡ ବଢି ଚାଲିଥିଲା, ଅନେକ ସମୟରେ ପରିସ୍ଥିତି ଅଣାୟତ ହେଉଥିଲା। ତେଣୁ ଯେଉଁଭଳି ଭାବେ ଭକ୍ତ ଶ୍ରୀ ମହାପ୍ରଭୁଙ୍କ ଦର୍ଶନ ସୁରୁଖୁରୁରେ ପାଇପାରିବେ, ତାଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ।

ଯେମିତି ପ୍ରତିଟି ସାମୂହିକ ସ୍ୱାର୍ଥକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ, ସେହିକ୍ରମରେ ପୁରୀବାସୀ ଅକୁଣ୍ଠ ଚିତ୍ତରେ ସମର୍ଥନ ଜଣାଇଥିଲେ।

ଏହି ପ୍ରକଳ୍ପ ନିର୍ମାଣ ହେଉଥିବା ସ୍ଥାନରେ ଅନେକ ବ୍ୟକ୍ତିଗତ ଓ ବ୍ୟବସାୟିକ ସମ୍ପତ୍ତି ପୂର୍ବରୁ ରହି ଆସିଥିଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ପ୍ରାୟ ୧୩୨ ବାସଗୃହରେ ବସବାସ କରୁଥିବା ୨୮୦ ପରିବାରର ୬୬୩ ଜଣଙ୍କୁ ବିସ୍ଥାପିତ ହେବାକୁ ପଡିଥିଲା, ସେଇଠି ମଧ୍ୟ ୨୮ ଗୋଟି ଲଜ୍, ୪୪୦ ଦୋକାନ ଆଦି ରହିଥିଲା। ଏହି ସମସ୍ତଙ୍କୁ ସରକାର ୪୦୩ କୋଟି ଟଙ୍କା ଖର୍ଚ୍ଚ କରି ଉଚିତ କ୍ଷତିପୂରଣ ପ୍ରଦାନ କରିଥିଲେ।

ଆହୁରି ମଧ୍ୟ ମଠମାନଙ୍କର ଗାଦି ଘର, ପୂଜା ସ୍ଥାନ ଓ ଆସ୍ଥାନକୁ ଅକ୍ଷୁଣ୍ଣ ରଖାଯାଇ କେବଳ ସେମାନଙ୍କ ମାଲିକାନାରେ ଥିବା ବ୍ୟବସାୟିକ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇ ସେମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇଥିଲା। ସେମାନଙ୍କ ଆୟର ଉତ୍ସ ଯେପରି ଅବ୍ୟାହତ ରହିବ ସେଥିପାଇଁ ସରକାର ବିଶେଷ କ୍ଷତିପୂରଣ ଦେଇଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା ଏବଂ ବ୍ୟବସାୟୀମାନଙ୍କର ବ୍ୟବସାୟିକ ଅନୁଷ୍ଠାନ ପୁନଃକାର୍ଯ୍ୟକ୍ଷମ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଉଥିଲେ। ସେହି ଆୟ ଉପରେ ଲାଗୁ ହେଉଥିବା ଆୟକରକୁ ମଧ୍ୟ ସରକାର ଭରଣା କରୁଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ସମସ୍ୟାର ସମାଧାନ ପାଇଁ ଏକ ହେଲ୍ପଡେସ୍କ ନିରନ୍ତର କର୍ଯ୍ୟକ୍ଷମ ଥିଲା। ଏହି ଅଞ୍ଚଳରେ ଥିବା ବଜାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟରେ ପୁରୀବାସୀଙ୍କର ଜଗନ୍ନାଥଙ୍କ ପ୍ରତି ଥିବା ଅନାବିଳ ଶ୍ରଦ୍ଧା ଓ ଭକ୍ତି ସମର୍ଥନ ରୂପରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ଦିନରୁ ହିଁ ରହିଆସିଥିଲା। ତେଣୁ ଏକ ରେକର୍ଡ ସମୟ ମଧ୍ୟରେ ଜମି ଅଧିଗ୍ରହଣ ହୋଇପାରିଥିଲା। ଏହି ସମସ୍ତ ବ୍ୟକ୍ତିଙ୍କ ତ୍ୟାଗ ଓ ଜଗନ୍ନାଥ ଭକ୍ତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ ଏବଂ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଆଗେଇ ଥିଲା।




୨୪ ନଭେମ୍ବର ୨୦୨୧ ଦିନ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିଦିନ ସମଗ୍ର ବିଶ୍ୱ ଜଗନ୍ନାଥ ଭକ୍ତିରେ ପୁଲକିତ ହୋଇ ଉଠିଥିଲା।

ପ୍ରକଳ୍ପକୁ ବିରୋଧ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା, ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ ବୟାନକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପିତ କରିଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ପ୍ରୟାସକୁ କଡା ଭାଷାରେ ଭର୍ତ୍ସନା କରିବା ସହ ଏକ ଆର୍ଥିକ ଦଣ୍ଡ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ







ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବାକୁ ଯାଉଛି। କୋଟି କୋଟି ଓଡ଼ିଆ ଆସନ୍ତା ୧୭ ତାରିଖରେ ଲୋକାର୍ପଣ ଉତ୍ସବକୁ ଚାହିଁ ରହିଛନ୍ତି। ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏହି ପ୍ରକଳ୍ପ ଦେବ ଅନନ୍ୟ ଆଧ୍ୟାତ୍ମିକ ଉପଲବ୍ଧି ଓ ଦିବ୍ୟ ଅନୁଭବ।

ଓଡ଼ିଆ ଅସ୍ମିତାର ଆଦ୍ୟ ଉତ୍ସ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମାର୍ଗଦର୍ଶନ ଫଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଫଳବତୀ ହେବାକୁ ଯାଉଛି। ଓଡ଼ିଆଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପୁନଃଜାଗରଣ ଦିଗରେ ଏହା ହେବ ଏକ ମାଇଲଖୁଣ୍ଟ।

ପ୍ରଭାତୀୟ
29 YEARS
ସମ୍ବାଦ କଳିକା

# ପେଟ୍ରୋଲ୍, ଡିଜେଲ୍ ଦାମ୍ କମିବନି

ଦୀର୍ଘ ୨୦ ମାସ ଧରି ଅପରିବର୍ତ୍ତିତ ରହିଥିବା ପେଟ୍ରୋଲ୍ ଓ ଡିଜେଲ୍ ମୂଲ୍ୟରେ ଆଗାମୀ ଦିନରେ କୌଣସି ହ୍ରାସ ହେବ ନାହିଁ। ବିଶ୍ୱ ବଜାରରେ ଅଶୋଧିତ ତେଲ ଦାମ୍ କମିବା ଏବଂ ବିକ୍ରିରେ କଂପାନିଗୁଡ଼ିକ ଲାଭ କରୁଥିବା ସତ୍ତ୍ୱେ ସାଧାରଣ ଖାଉଟିଙ୍କ ଲାଗି ପୂର୍ବ ଦର ବଳବତ୍ତର ରହିଛି। ତେଲ ଦାମ୍ କମ୍ କରିବାର କୌଣସି ଯୋଜନା ନାହିଁ ବୋଲି ଆଜି ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି। ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶ ପାଉଛି ତାହା କେବଳ କଳ୍ପନାଜଳ୍ପନା ବୋଲି ସେ କହିଛନ୍ତି। ସରକାରଙ୍କ ଆଭିମୁଖ୍ୟର ଆଭାସ ଦେଇ ସେ ଜଣାଇଛନ୍ତି ଯେ ତେଲ ଦାମ୍ କମାଇବା ନେଇ କଂପାନିଗୁଡ଼ିକ ସହ କିଛି ବି ଆଲୋଚନା ହୋଇନି। ଦାମ୍ ଦୀର୍ଘକାଳୀନ ଭିତ୍ତିରେ ସ୍ଥିର ଓ ସକାରାତ୍ମକ ରହୁ ବୋଲି ଆମେ ଚାହୁଁଥିବା ସେ କହିଛନ୍ତି। ପେଟ୍ରୋଲ୍ ଓ ଡିଜେଲ୍ ଦାମରେ ଲିଟର ପିଛା ୪–୬ ଟଙ୍କାର ହ୍ରାସ ଆଣିବା ସମ୍ଭାବନା ରହିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

ନିଜର ୮୦ ପ୍ରତିଶତ ଆବଶ୍ୟକତାକୁ ଆମଦାନି ଜରିଆରେ ପୂରଣ କରୁଥିବା ଭାରତ ଏବେ ତୈଳ କିଣା ରଣନୀତି ବଦଳାଇବା ଉପରେ ବିଚାର କରୁଛି। କାରଣ ଋଷ୍ ଦେଉଥିବା ରିହାତି କମ୍ ହୋଇଥିବାରୁ ସେଠାରୁ ତେଲ ମଗାଇବା ଆଉ ବ୍ୟାବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ ମନେ ହେଉନାହିଁ। ତେଣୁ ସାଉଦି ଆରବ, ଭେନେଜୁଏଲା ଭଳି ଦେଶରୁ ଭାରତ ତେଲ ମଗାଇବା ଆରମ୍ଭ କରିଛି। ଯେଉଁ ଦେଶଗୁଡ଼ିକ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇ ନାହିଁ, ସେଭଳି ଦେଶରୁ ତେଲ କିଣିବା ଲାଗି ଭାରତ ଉଦ୍ୟମ କରୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**


ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# କାବ୍ୟ କୌଣ୍ଡିନ୍ୟ – ୨୯

**ଏଣୁ ତେଣୁ**



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର, ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମାଙ୍କର ପିତାମହଙ୍କୁ ପତ୍ର

ଏ ପର୍ଯ୍ୟନ୍ତ କଥାବସ୍ତୁ ପହଞ୍ଚିଛି ଯେ ସୋମା ଓ କୌଣ୍ଡିନ୍ୟ ନିଜର ପ୍ରେମ ରାଜ୍ୟକୁ ପୁନଃ ଆସି, ଏକାନ୍ତରେ ବସି ସ୍ଥିର କଲେ ଉଭୟ ଏକ ମାସ ମଧ୍ୟରେ ବିବାହ ସୂତ୍ରରେ ଆବଦ୍ଧ ହେବେ। ଏଣୁ କୌଣ୍ଡିନ୍ୟଙ୍କ ସମ୍ମତି କ୍ରମେ ସୋମା ନିଜ ପିତାମହ (ପାତାଳପୁର ନାଗ ରାଜା)ଙ୍କୁ ଏ ବିବାହକୁ ସ୍ୱୀକୃତି ଦେବା ପାଇଁ ଓ ସ୍ୱୀକୃତି ପାଇ ସେ କୌଣ୍ଡିନ୍ୟଙ୍କ ସହ ପାତଳ ରାଜ୍ୟକୁ ଯିବାକୁ ଅନୁମତି ମାଗିଲେ। ଏ ବିଷୟଟି ହେଉଛି ଚଳିତ ଗୀତର କଥାବସ୍ତୁ।

ଏ ଗୀତରେ ଏକ ଅଭିନବ ପ୍ରୟାସ ହେଉଛି ଯେ ଅତି ଅଳ୍ପ ଶବ୍ଦ ଥିବା 'ହ' ଅକ୍ଷରକୁ ଗୀତର ପ୍ରତି ଅଂଶରେ ରଖି ଲେଖିବା। ଏହା କଷ୍ଟସାଧ୍ୟ ହେଲେ ମଧ୍ୟ ଶେଷରେ ମୁଁ କୃତକାର୍ଯ୍ୟ ହେଲି। ସୁଧୀ ପାଠକେ ଏହାର ଆନନ୍ଦ ନେବାରେ ସକ୍ଷମ ହେଲେ ମୁଁ ନିଜେ ସନ୍ତୋଷ ଲାଭ କରିପାରିବି।

ହରିଣନୟନୀ ସେ ହରଷିତ ମନରେ
ହଳିହଳି ଆସେ ସ୍ୱଭବନେ
ହସ୍ତପାଦାଦି ଧୋଇ ହୋଇଣ ସଜବାଜ
ହସି ଦେଖେ ତା' ମୁଖ ଦର୍ପଣେ ।।୧।।
ହୀରକ ଭାତି ଦନ୍ତ ହେମ ବରନ ବପୁ
ହ୍ରୀଯୁକ୍ତ ମୁଖଚନ୍ଦ୍ର ରୁଚିର
ହିତାହିତ ଭାବନା ହଜିଯିବ ଯୋଗୀଙ୍କ
ହୋଇଯିବେ ତପଠାରୁ ଦୂର ।।୨।।
ହଜିଗଲା ସୁନ୍ଦରୀ ହୃଦ ପ୍ଲାବିତ ପ୍ରେମେ
ହେଜି ପ୍ରେମିକେ ନିଶି କାଟିଲା
ହଠାତ୍ ଉଠିପଡେ ହେଲା ଯେବେ ପ୍ରଭାତ
ହେଳା ଛାଡି ସ୍ନାନାଦି ସାରିଲା ।।୩।।
ହେନା ଚମ୍ପା ପୁଷ୍ପାଦି ହୋମ ସାମଗ୍ରୀ ଧରି
ହିଲ୍ଲୋଳିନୀ ଗଲା ଦେବସ୍ଥାନ
ହେବାରୁ ଦୂର ତା'ର ହତାଶା ମନୋଚିନ୍ତା
ହର୍ଷେ କଲା ପୂଜା ସମାପନ ।।୪।।
ହଂସିନୀ ଗଲା ଗୃହ ହସ୍ତେ ଧରି ଲେଖନୀ
ହୋଇଲିପ୍ତ ସଂଦେଶ ଲେଖିଲା
ହ୍ରୀମୟୀ ପିତାମହେ ହ୍ରୀତ୍ୟାଗି ପ୍ରେମ ତା'ର


ଆଜିର କମ୍ବୋଡିଆ କାଲିର କମ୍ବୁଜ

ହୋଇଅଛି ଯାହା ଜଣାଇଲା ।।୫।।
ହଂସଗମନୀ ବୋଲେ ହେ ପିତାମହ ଦେଖ
ହୃଦେ ଦୟାବହି ସେ ବୀରଙ୍କୁ
ହଁ କଲେ ଯିବୁ ଆମ୍ଭେ ହରଷେ ତୁମ୍ଭ ପାଶ
ହିତାଶିଷ ତବ ଲଭିବାକୁ ।।୬।।
ହର୍ଷେ କଲ୍ୟାଣ କର ହୃତ ହେବ ମୋ ଖେଦ
ହ୍ରାସ ହେବ ଜନତାଙ୍କ କଷ୍ଟ
ହେବ ସୃଷ୍ଟି କମ୍ବୁଜ ହସ୍ତରେ କୌଣ୍ଡିନ୍ୟଙ୍କ
ହସି ଉଠିବ ସେ ନବରାଷ୍ଟ୍ର ।।୭।।
ହସ୍ତୁଁ ଦୂତର ପତ୍ର ହୁଅନ୍ତେ ପ୍ରାପତ ସେ
ହୀରା ମୁକୁଟଧାରୀ ରାଜନ
ହେଳା ନ କରି ପତ୍ରେ ହଁ କରି ପଠାଇଲେ
ହ-ଆଦ୍ୟେ ଲେଖେ ଦୁର୍ଗାଚରଣ ।।୮।।

**ଶବ୍ଦାର୍ଥ**

**ପଦ (୧) ରୁ (୪) :** ହରିଣନୟନୀ – ହରିଣ ପରି ଛୋଟ ସୁନ୍ଦର ଆଖି ଥିବା ନାରୀ। ହୀରକ-ହୀରା। ଭାତି-ପରି। ହେମ-ସୁନା। ବରନ-ବର୍ଣ୍ଣ। ବପୁ-ଶରୀର। ହ୍ରୀଯୁକ୍ତ-ଲଜ୍ଜାଯୁକ୍ତ। ହୃଦପ୍ଲାବିତ-ହୃଦୟରେ ଉଛୁଳି ପଡୁଥିବା। ହେଳା-ଅବହେଳା, ନକରିବାର ଇଛା। ହିଲ୍ଲୋଳିନୀ-ଢେଉ ଭଳି ଚଞ୍ଚଳା ନାରୀ। ହତାଶା-ଆଶା ଚାଲିଯାଇଥିବା।

**ପଦ (୫)ରୁ ଶେଷ :** ହଂସିନୀ-ହଂସ ପରି ସୁନ୍ଦର ଚାଲୁଥିବା ନାରୀ। ହ୍ରୀମୟୀ-ଲାଜୁକୁଳି ନାରୀ। ହ୍ରୀ-ଲାଜ, ଲଜ୍ଜା। ହିତାଶିଷ-ହିତି ବା ଅନୁକୂଳ ହେବା ପାଇଁ ଦିଆଯାଉଥିବା ଆଶୀର୍ବାଦ। ହୃତ- ହରଣ ହେବା, ଚାଲିଯିବା। ଖେଦ-ଦୁଃଖ। ହୀରା ମୁକୁଟଧାରୀ ରାଜନ୍-ସେହି ରାଜା ଯେ ହୀରାମୁକୁଟ ଧାରଣ କରିଥାନ୍ତି (ନାଗ ଦେଶ ବା ପାତାଳର ରଜା, ଯେ କି ସୋମାଙ୍କ ପିତାମହ)।

# ଆଶା ଓ ଆକାଂକ୍ଷାର ନବବର୍ଷ–୨୦୨୪



**ଡକ୍ଟର ଅଜୟ କୁମାର ନନ୍ଦ**
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

(ଆଜିକାଲିର ଯୁବପିଢିଙ୍କ 'ପାଶ୍ଚାତ୍ୟ ସଭ୍ୟତା' ଆଦରିବାର ମୋହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ନିଜ ମାଟିର ସଂସ୍କୃତିକୁ ବିଶେଷ ପ୍ରାଧାନ୍ୟ ନ ଦେଇ, ପାଶ୍ଚାତ୍ୟ ଦେଶର ଅପସଂସ୍କୃତି ପଛରେ ବେଶ ମତୁଆଲା। ଇଂରାଜୀ ନୂଆ ବର୍ଷ ତୁଳନାରେ ଆମେ ଓଡ଼ିଆ ହୋଇ ଓଡ଼ିଆ ନବବର୍ଷ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସଂକଳ୍ପ ବଦ୍ଧ ହେବା ହିଁ ଓଡ଼ିଆ ଜାତିର ଅସ୍ମିତା। ଏସବୁକୁ ବିଚାର କରି ଆମକୁ ସଂକୀର୍ଣ୍ଣ ମନୋଭାବକୁ ପରିତ୍ୟାଗ କରି ଆମର ଅନ୍ତର୍ନିହିତ ଭାବନାକୁ ଯଥା ସମ୍ଭବ ବିସ୍ତାର କଲେ ଏକ ସୁସ୍ଥ ଓ ଆଦର୍ଶ ସମାଜ ଗଠନ କରିବାକୁ ଅଧିକ ସମୟ ଲାଗିବ ନାହିଁ। ପରିଶେଷରେ ସଭିଙ୍କୁ ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ଜୀବନ ବିତାଇବାରେ ସହାୟ ହୁଅନ୍ତୁ। ଶୁଭ ନବବର୍ଷ।)

ସମୟ ସହ ତାଳ ଦେଇ ଆଗକୁ ବଢିବା ହେଉଛି ବିବର୍ତ୍ତନ। ଏହି ବିବର୍ତ୍ତନ ଧାରରେ ଅତୀତକୁ ତର୍ଜମା କରି ବର୍ତ୍ତମାନ ସହିତ ତାଳ ଦେଇ ଭବିଷ୍ୟତରେ କିଛି କରିବା ହେଉଛି ଆକାଂକ୍ଷା, ଯାହା ମଣିଷକୁ ଆଗକୁ ବଢିବା ପାଇଁ ଅମାପ ପ୍ରେରଣା ଯୋଗାଇଥାଏ। ତେଣୁ ଆଗକୁ ଆସୁଥିବା ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ସମ୍ଭାବନା ଅର୍ଥାତ୍ 'ନୂଆ'। ବିବର୍ତ୍ତନର ନିୟମାନୁସାରେ ଆମକୁ ସେହି ରାସ୍ତାରେ ଅଗ୍ରସର ହେବାକୁ ପଡିବ। ମନ୍ଦ ଭିତରେ ଭଲକୁ ଖୋଜିବା ହେଉଛି ଆଶା। ତେଣୁ ଆଶାକୁ ବୈତରଣୀ କରି ବଞ୍ଚିବା ହେଉଛି ମଣିଷର ଧର୍ମ। ସମୟର ଉ ାନ ପତନ ଭିତରେ ଆନନ୍ଦ ସାଉଁଟିବା ହେଉଛି ପ୍ରକୃତ ଆନନ୍ଦ। କୁହାଯାଏ, ସମୟ ହେଉଛି ଚିର ଅଗ୍ରସର ହେଉଥିବା ନିରନ୍ତର ସ୍ରୋତ ଯାହା ସର୍ବଦା ଚଳଚଞ୍ଚଳ। ଏଇ କିଛି କ୍ଷଣ ହେବ ପୃଥିବୀ ପୃଷ୍ଠରେ ଏକ ସମୟ ବା ବର୍ଷର ଅବସାନ ହୋଇଛି। ପୁରୁଣା ବର୍ଷ ୨୦୨୩ରେ ଘଟିଥିବା ଅନେକ ଦୁଃଖ, ଶୋକ, ଭୟ, ଅସ୍ଥିରତା, ଯୁଦ୍ଧ, ବିଭିଷିକା, ନିରାନନ୍ଦ, ଆନନ୍ଦ, ଏପରିକି ଚନ୍ଦ୍ରାୟଣ-୩ ସଫଳତାକୁ ପଛରେ ପକାଇ ଆଉ ଏକ ନୂଆବର୍ଷ-୨୦୨୪, ଅନେକ ଆଶା, ଆକାଂକ୍ଷା, ଉତ୍ସାହ, ଉଦ୍ଦୀପନା ଆଦି ଅନେକ ପସରା ଧରି, ବିବର୍ତ୍ତନ ଧାରାରେ ଅଗ୍ରସର ହେଉଛି। ନୂଆବର୍ଷର ପ୍ରଥମ ସୁନେଲି ସୂର୍ଯ୍ୟକିରଣ, ସମସ୍ତଙ୍କୁ ସମୟର ଚିର ପ୍ରବାହ ତଥା ଗତିଶୀଳ ପଥକୁ ଅନୁସରଣ କରିବା ପାଇଁ ଆହ୍ୱାନ କରୁଛି। ଆଜି ସମସ୍ତଙ୍କ ମନ ଓ ହୃଦୟ ବେଶ ପ୍ରଫୁଲ୍ଲିତ, ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ମୁଖରେ 'ହାପି ନ୍ୟୁ ଇୟର'ର ଉଲ୍ଲସିତ ସମ୍ବର୍ଦ୍ଧନା। ଗାଁ ଗଣ୍ଡା ସହର ବଜାର ସବୁଠି ଉତ୍ସବ ମୁଖର, ପରସ୍ପର କୋଳାଗ୍ରତ ହୋଇ ତ ଆଉ କେଉଁଠି କରମର୍ଦ୍ଦନ ସହ ଫୁଲ ତୋଡାରେ 'ନୂଆବର୍ଷ'ର ଶୁଭେଚ୍ଛା ଯାହା ନୂଆବର୍ଷ ପାଳିବାର ଲୋକପ୍ରିୟତାକୁ ଇଙ୍ଗିତ କରେ। ଆଜିକାଲିର ଯୁବପିଢିଙ୍କ 'ପାଶ୍ଚାତ୍ୟ ସଭ୍ୟତା' ଆଦରିବାର ମୋହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ନିଜ ମାଟିର ସଂସ୍କୃତିକୁ ବିଶେଷ ପ୍ରାଧାନ୍ୟ ନ ଦେଇ, ପାଶ୍ଚାତ୍ୟ ଦେଶର ଅପସଂସ୍କୃତି ପଛରେ ବେଶ ମତୁଆଲା। ଠିପି ଖୋଲା ସଂସ୍କୃତି ଆଢୁଆଳରେ ମିଡନାଇଟ ସେଲିବ୍ରେସନ୍ ସହିତ ଅଶ୍ଳୀଳ ନୃତ୍ୟ ଗୀତର ତାଳେ ତାଳେ ମଦ, ମାଂସ ପ୍ରାଚୁର୍ଯ୍ୟ ଭିତରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିବା, ବର୍ତ୍ତମାନ ଏକ ପ୍ରତିଯୋଗିତା ରୂପେ ଉଭା ହୋଇଛି। ବର୍ଷ ପରେ ବର୍ଷ ଯେତିକି ବଢୁଛି ମଣିଷ ଭିତରେ ଥିବା ମଣିଷ ପଣିଆ ହଜି ହଜି ଯାଉଛି ଏପରିକି ସ୍ନେହ, ଶ୍ରଦ୍ଧା, ସହାନୁଭୂତି ଆଦି ସାତ ସପନ। ବର୍ତ୍ତମାନର ସାମାଜିକ ବ୍ୟବସ୍ଥାରେ ଦୁଷ୍କର୍ମ, ଅପହରଣ, ହତ୍ୟା, ଲୁଣ୍ଠନ ଆଦି ଅପସଂସ୍କୃତି କବଳିତ ଆଧୁନିକ ଯୁବପିଢି। ସୁତରାଂ ମଣିଷର ଶିକ୍ଷାଦୀକ୍ଷା ଯେତେ ବ୍ୟାପକ ହେଉଛି ଆଚରଣରେ ସେତିକି ସଂକୀର୍ଣ୍ଣତା ପରିଲକ୍ଷିତ ହେଉଛି। ଏଥିରେ ସୁଧାର ଆଣିବାକୁ ହେଲେ ମାନସିକ ପରିବର୍ତ୍ତନ ସହ ନିସ୍ୱାର୍ଥପର ଭଲପାଇବା ଏକାନ୍ତ କାମ୍ୟ। ଚଳିତ ବର୍ଷ ନୂଆବର୍ଷ-୨୦୨୪ ଆଣିବ ଅନେକ ସ୍ୱତନ୍ତ୍ରତା ପ୍ରଥମତଃ ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର, ଶ୍ରୀମନ୍ଦିର ଇତିହାସରେ ଚଳିତ ମାସ ୧୭ ତାରିଖରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିହେବ ତାହା ହେଉଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ କରାଯିବ। ବିଗତ ଦିନର ସଂକୀର୍ଣ୍ଣତମ ଶ୍ରୀମନ୍ଦିର ବାହ୍ୟ ପରିସୀମା ଏବେ ବିସ୍ତୀର୍ଣ୍ଣ ହୋଇ ନୂଆ ରୂପରେ ପ୍ରଦର୍ଶିତ ହୋଇଛି, ଏଥିପାଇଁ ପୁରୀବାସୀଙ୍କ ଅକୁଣ୍ଠ ସମର୍ଥନ ସହ ଶ୍ରୀମନ୍ଦିର ପ୍ରଶାସନ, ସେବାୟତଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଉଛି। ଏହି ଭବ୍ୟ ଉତ୍ସବରେ ଶ୍ରୀଲିଙ୍ଗରାଜ, ଚାରି ଧାମ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଦେଶରେ ଥିବା ପ୍ରମୁଖ ଶକ୍ତିପୀଠ ସମେତ ଦେଶ ବିଦେଶରେ ଥିବା ପ୍ରମୁଖ ଜଗନ୍ନାଥ ମନ୍ଦିର ପୂଜକ, କର୍ମକର୍ତ୍ତା, ପ୍ରମୁଖ ରାଜନେତା ବ୍ୟକ୍ତିବିଶେଷ ଓ ସାଧୁସନ୍ଥଙ୍କୁ ନିମନ୍ତ୍ରିତ କରାଯାଇଛି, ଯାହାଙ୍କ ସମାଗମରେ ସମଗ୍ର ଶ୍ରୀକ୍ଷେତ୍ର ଏକ ଆଧ୍ୟାତ୍ମିକ ଭରା ଭକ୍ତିମୟ ପରିବେଶର ଗୁଞ୍ଜରଣ ସୃଷ୍ଟି କରିବ। ଏହି ଲୋକାର୍ପଣ ଉତ୍ସବ ଆସନ୍ତା ୧୨ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଛଅ ଦିନ ବ୍ୟାପି ମହା ସମାରୋହରେ ପାଳିତ ହେବ ଯାହା ସମସ୍ତ ଜଗନ୍ନାଥ ପ୍ରେମୀ ପାଇଁ ଏକ ନିଆରା ବର୍ଷ। ସେ ଯାହାହେଉ ଭକ୍ତମାନଙ୍କ ପାଇଁ ଯନ୍ତ୍ରଣା ମୁକ୍ତ ତଥା ଅପେକ୍ଷା ମୁକ୍ତ ଦର୍ଶନ ବ୍ୟବସ୍ଥା କରାଯାଉ ଅର୍ଥାତ୍ ଦୀର୍ଘ ଦିନରୁ ଦାବି ହେଉଥିବା ଚାରିଦ୍ୱାର ଖୋଲାଯାଉ। ଅନ୍ୟପକ୍ଷରେ ଚଳିତ ମାସ ୨୨ ତାରିଖରେ ଅଯୋଧ୍ୟାରେ ବହୁ ପ୍ରତୀକ୍ଷିତ ହିନ୍ଦୁମାନଙ୍କ ଆରାଧ୍ୟ ଦେବତା 'ଶ୍ରୀରାମ ମନ୍ଦିର' ପ୍ରତିଷ୍ଠା ହେବ, ସେଥିପାଇଁ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ, ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ ବନ୍ଦୋବସ୍ତ କରାଯାଇଛି। ଏପରିକି ଦେଶର ୫୪୩ ଲୋକସଭା ନିର୍ବାଚନ ମଣ୍ଡଳ ଓ ସମସ୍ତ ବିଧାନସଭା କ୍ଷେତ୍ରରୁ ପ୍ରାୟ ୨.୫ କୋଟି ଲୋକଙ୍କୁ ଅଯୋଧ୍ୟା ନିମନ୍ତ୍ରିତ କରାଯିବାର ବ୍ୟବସ୍ଥା କରାଯାଇଛି, ଯାହା ହେବ ଏକ ବୃହତ ଆଧ୍ୟାତ୍ମିକ ସମାରୋହ। ନୂତନବର୍ଷର ଅନ୍ୟ ଏକ ଭେଟି ହେଉଛି ୬ ହଜାର କୋଟି ବଜେଟ ଆକଳନରେ ରାଜଧାନୀ 'ମେଟ୍ରୋ ଟ୍ରେନ ପ୍ରକଳ୍ପ'ର ଶୁଭାରମ୍ଭ ହେବ, ଯାହା ଆମ ରାଜ୍ୟ ଇତିହାସରେ ଆଉ ଏକ ଗୌରବମୟ ଫର୍ଦ୍ଦ ଯୋଡିବ। ନୂତନବର୍ଷର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ 'ନୂଆ ଶାସକ ଦଳ' ଜନତା ଜନାର୍ଦ୍ଦନ ଦ୍ୱାରା ଚୟନ ହେବ। କୁହାଯାଏ ଗୋଟିଏ ଦେଶର ଉତ୍ତମ ଶାସନ ଦେଶ ବିକାଶ ଅନେକ ଭାଗୀଦାର, ସରକାର ଚୟନ ନିଷ୍ପତ୍ତି ଜନସାଧାରଣଙ୍କ ଉପରେ ନ୍ୟସ୍ତ, ଏହା ଭାରତୀୟ ଗଣତନ୍ତ୍ରର ଏକ ବୈଶିଷ୍ଟ୍ୟ। ତେଣୁ ଜନସାଧାରଣ ବିନା ପ୍ରଲୋଭନ ବା ଉତ୍କର୍ଷରେ ବଶୀଭୂତ ହୋଇ ସ୍ୱାଧୀନ ଭାବରେ ପ୍ରାର୍ଥୀ ଚୟନରେ ସଠିକ୍ ନିଷ୍ପତ୍ତି ନେବା ହିଁ ହେବ ସମଗ୍ର ରାଷ୍ଟ୍ର ପାଇଁ ମଙ୍ଗଳମୟ। ଭାରତୀୟଙ୍କ ନେତୃତ୍ୱର ଲୋକପ୍ରିୟ ଏବେ ବିଶ୍ୱରେ ବେଶ ପରିଚିତ, ନୂଆ ସରକାର ଚୟନକୁ ଅତି ଉତ୍କର୍ଷ ସହ ଅପେକ୍ଷା କରିଛନ୍ତି ସମଗ୍ର ବିଶ୍ୱବାସୀ। ବିଶ୍ୱ ବଜାର ଭାରତୀୟଙ୍କ ସହଭାଗୀ ଅନ୍ୟ ଦେଶ ତୁଳନାରେ ଢେର ଅଧିକ। ଭାରତୀୟ ଗଣତନ୍ତ୍ରରେ ସର୍ବୋତ୍କୃଷ୍ଟ ମହୋତ୍ସବ 'ସାଧାରଣ ନିର୍ବାଚନ' ପାଇଁ ଏବେ ସମସ୍ତ ଜାତୀୟ ଓ ଆଞ୍ଚଳିକ ଦଳ ମଧ୍ୟରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ ବୈତରଣୀ ପାର ହେବାପାଇଁ ମାଳ ମାଳ ମିଛ ପ୍ରତିଶ୍ରୁତି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଛପା ସାରିଛି, ଯାହା ପ୍ରତି ରାଜନେତା ଓ ରାଜନୈତିକ ଦଳଙ୍କ ପାଇଁ ଏକ ରୀତିନୀତି ଆଦର୍ଶ। ଏସବୁ ଉପରେ ସାମ୍ବିଧାନିକ ରୋକ ନ ଲଗା ହେଲେ ନିର୍ବାଚନରେ ସ୍ୱଚ୍ଛତା ବଜାୟ ଅସମ୍ଭବ ହୋଇପଡିବ। ସମଗ୍ର ଦେଶର ଜନସାଧାରଣ ଶସ୍ତା ରାଜନୀତି ଓ ଶସ୍ତା ଲୋକପ୍ରିୟତାରୁ ଉର୍ଦ୍ଧ୍ୱରେ ରହି ଦେଶ ସେବା ପାଇଁ ବର୍ତ୍ତୀ ହେଲେ ଏହା ଆହୁରି ପ୍ରଭାବଶାଳୀ ବିକଶିତ ରାଷ୍ଟ୍ର ପରିଣତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଅନ୍ୟପକ୍ଷରେ ବିଗତ ୨୦୨୦ ମସିହାରେ ଜନ୍ମ ନେଇଥିବା ମହାମାରୀ କରୋନା ଲୋକଙ୍କୁ ଜୀବନ ଜିଇଁବାରେ ଅନେକ ମନ୍ତ୍ର ଶିଖାଇଛି। ଏବେ ସେହି ପ୍ରଜାତିର ନୂଆ ଭାରିଆଣ୍ଟ ପୁଣି ମୁଣ୍ଡ ଟେକିଛି ତେଣୁ ଏହାକୁ ହାଲୁକା ଭାବରେ ନ ନେଇ ଆମକୁ ଯଥେଷ୍ଟ ସାବଧାନ ଅବଲମ୍ବନ କରିବାକୁ ପଡିବ। ସୁତରାଂ ନୂଆବର୍ଷକୁ ଆନନ୍ଦ, ଉଲ୍ଲାସ ପାଳିବା ସହିତ ଆସୁଥିବା ପରିସ୍ଥିତିକୁ ସକାରାତ୍ମକ ଢଙ୍ଗରେ ସାମ୍ନା କରିବା ହିଁ ହେବ ବିଜ୍ଞତାର ପରିଚୟ। ଏବେ ସମୟ ବଦଳିଛି ଡିଜିଟାଲ ଦୁନିଆରେ ଗ୍ରିଟିଂସ୍‌ର ଜମାନା ପୁରାପୁରି ହଜିଯାଇଛି। ୮୦ ଦଶକରେ ଆରମ୍ଭ ହୋଇଥିବା ଗ୍ରିଟିଂସ୍ ୯୦ ଦଶକରେ ଖୁବ ଲୋକପ୍ରିୟ ହୋଇଥିଲା। ନୂଆବର୍ଷ ଆସିଲେ ହିନ୍ଦୀ, ଓଡିଆ ଉଭୟ ଚଳଚିତ୍ରର ହୀରେ, ହିରୋଇନ୍, କ୍ରିକେଟ ଷ୍ଟାର ସମେତ ଅନ୍ୟାନ୍ୟ ଦେବାଦେବୀଙ୍କ ଗଦା ଗଦା ପୋଷ୍ଟ କାର୍ଡ ଫଟୋ ମାର୍କେଟରେ ୫୦ ପଇସାରେ ବେଶ ଉପଲବ୍ଧ ହେଉଥିଲା, ସେଥିରେ ସାଙ୍ଗ, ବନ୍ଧୁ, ପ୍ରେମିକ, ପ୍ରେମିକାଙ୍କୁ ଶୁଭେଚ୍ଛା ବାର୍ତ୍ତା ଲେଖି ମନର ଭାବ ପ୍ରକାଶ କରିବା ଥିଲା ସର୍ବୋତ୍କୃଷ୍ଟ ମାଧ୍ୟମ। ଇଂରାଜୀ ନୂଆବର୍ଷ ତୁଳନାରେ ଆମେ ଓଡ଼ିଆ ହୋଇ ଓଡ଼ିଆ ନବବର୍ଷ ଧୁମ୍ ଧାମ୍‌ରେ ପାଳନ କରିବା ସଂକଳ୍ପ ବଦ୍ଧ ହେବା ହିଁ ହେବ ଓଡ଼ିଆ ଜାତିର ଅସ୍ମିତା। ଏସବୁକୁ ବିଚରକରି ଆମକୁ ସଂକୀର୍ଣ୍ଣ ମନୋଭାବକୁ ପରିତ୍ୟାଗ କରି ଆମର ଅନ୍ତର୍ନିହିତ ଭାବନାକୁ ଯଥା ସମ୍ଭବ ବିସ୍ତାର କଲେ ଏକ ସୁସ୍ଥ ଓ ଆଦର୍ଶ ସମାଜ ଗଠନ କରିବାକୁ ଅଧିକ ସମୟ ଲାଗିବ ନାହିଁ। ପରିଶେଷରେ ସଭିଙ୍କୁ ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ଜୀବନ ବିତାଇବାରେ ସହାୟ ହୁଅନ୍ତୁ। ଶୁଭ ନବବର୍ଷ।

# ସୁବର୍ଣ୍ଣରେଖା ପ୍ରକଳ୍ପ: ଆଶା ଓ ପ୍ରତୀକ୍ଷା



**ଅଧ୍ୟାପକ ଗୋପବନ୍ଧୁ**
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଆଶା ଓ ପ୍ରତୀକ୍ଷାର ଅନ୍ୟନାମ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ। ସମାପ୍ତ ହେବାର ନାମ ନେଉନାହିଁ। ଅନେକ ବର୍ଷ ଗଲାଣି। ଆହୁରି ଅନେକ କାମ ବାକି ଅଛି। କେବେ ପୂର୍ଣ୍ଣାଙ୍ଗ ହେବ ତାହାର ସମୟସୀମା ମଧ୍ୟ ନାହିଁ। ପ୍ରକଳ୍ପକୁ ନେଇ ଯେଉଁ ଉତ୍ସାହ ମଉଳି ଯାଇଥିଲା ତାହା ଆଉଥରେ ଜାଗି ଉଠୁଛି। କାରଣ ବିଭିନ୍ନ ପର୍ଯ୍ୟାୟରେ ଆଂଶିକ କାମର ଲୋକାର୍ପଣ ହେଉଛି। ଏବେ ମୁଖ୍ୟମନ୍ତ୍ରୀ ହଳଦିଆ ବନ୍ଧର ଜଳସେଚନକୁ ଲୋକାର୍ପଣ କରିଛନ୍ତି। ବୁଢାମାନେ କେନାଲ ପାଣି ଦେଖିପାରିଲେ ନାହିଁ। ଟୋକାମାନେ ବୁଢ଼ା ହେଲେଣି। ଏବେ ଖୁସି ହେଉଛନ୍ତି ଆପତତଃ ହଳଦିଆ ବନ୍ଧର କେନାଲ ପାଣି ଦେଖିଲେ। ଜମ୍ବିରାର କେନାଲ ପାଣିବି ଦେଖିବେ।

ଜମ୍ବିରାର ମୁଖ୍ୟ କେନାଲ ବହୁଦିନରୁ ଖୋଳା ସରିଛି। କେତେକ ସ୍ଥାନରେ ଶାଖା କେନାଲ ଖୋଳା ସରିଛି। ଏଗୁଡ଼ିକରେ କଂକ୍ରିଟ୍ କାମ ବି ସରିଛି। କେନାଲରେ ପାଣି ନାହିଁ। ବର୍ଷାଦିନେ ପାଣି ଜମୁଛି। ପାଖ ଲୋକମାନେ ଦୁଇ ତିନି ମାସ ଗାଧୋଇବା ସୁବିଧା ପାଉଛନ୍ତି। କେତେକ ସ୍ଥାନରେ କେନାଲ ଭିତର କଂକ୍ରିଟ୍ ଫାଟି ଗଲାଣି। ଲୋକେ କହୁଛନ୍ତି କିଛି ଚିନ୍ତା ନାହିଁ, ପୁଣି ବିଲ୍ ହେବ ଓ ପୁଣି କାମ ହେବ। ହତାଶବାଦୀ କହୁଛନ୍ତି ଆହୁରି ଅନେକ ବର୍ଷ ଜଗିବାକୁ ହେବ। କେତେ ପାଣି ଆସିବ ଓ କେତେ ଜମି ଜଳସେଚିତ ହେବ ତାହା ସମୟ ବତାଇବ। କାରଣ କେନାଲରେ ପାଣି ଆସିବା ସୁବର୍ଣ୍ଣରେଖାର ଜଳ ପ୍ରବାହ ଉପରେ ନିର୍ଭର କରେ। ତିନି ରଜ୍ୟର ଭାଗ ବଣ୍ଟରା ମଧ୍ୟରେ ଓଡିଶା କେତେ ପାଣି ପାଇବ ତାହା ଏକ ପ୍ରଶ୍ନ। ଆଶାବାଦୀ କହୁଛନ୍ତି ବିଳମ୍ବ ହୋଇପାରେ କିନ୍ତୁ ପ୍ରକଳ୍ପ ନିଶ୍ଚୟ ସମାପ୍ତ ହେବ। କେନାଲରେ ପାଣି ଆସିବ। ଧରଣୀ ଶସ୍ୟ ଶ୍ୟାମଳା ହେବ। କୃଷକ ହସିବ।

ଓଡିଶାରେ କର୍ଯ୍ୟକାରୀ ହେଉଥିବା ସୁବର୍ଣ୍ଣରେଖା ପ୍ରକଳ୍ପର ମୂଳ ଲମ୍ବିଛି ଝାଡଖଣ୍ଡକୁ। ଟାଟାନଗରଠାରୁ ୩୦ କି.ମି. ଉପରକୁ ସୁବର୍ଣ୍ଣରେଖା ନଦୀ ଉପରେ ତିଆରି ହୋଇଥିବା ଚାଣ୍ଡିଲ ଡେମ ଏହି ପ୍ରକଳ୍ପର ମୂଳ ଆଧାର। ଏହି ଡେମର ତିଆରି କାମ ୧୯୮୨ ମସିହାରେ ଆରମ୍ଭ ହୋଇ ୧୯୯୩ ମସିହାରେ ସମାପ୍ତ ହୋଇଥିଲା। ଏହା ସୁବର୍ଣ୍ଣରେଖା ବହୁମୁଖୀ ଯୋଜନାର ଅନ୍ତର୍ଗତ ଅଟେ। ଏହି ଯୋଜନା ତତକାଳୀନ ବିହାର, ପଶ୍ଚିମବଙ୍ଗ ଓ ଓଡ଼ିଶାର ମିଳିତ ଯୋଜନା ଅଟେ। ଏ ବାବଦକୁ ତିନୋଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦିଲ୍ଲୀଠାରେ ଅଗଷ୍ଟ ୭, ୧୯୭୮ ମସିହାରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ଯୋଜନାର ଲକ୍ଷ୍ୟ ଥିଲା ତିନୋଟି ରାଜ୍ୟରେ ଜଳସେଚନ, ପାନୀୟଜଳ ଯୋଗାଣ ଓ ଜଳବିଦ୍ୟୁତ ଉତ୍ପାଦନ। ପ୍ରଥମ ପର୍ଯ୍ୟାୟରେ ଚାଣ୍ଡିଲ ଡେମ ତିଆରି ହେଲା। ଏହା ତଳେ ସୁବର୍ଣ୍ଣରେଖା ଉପରେ ଗାଲୁଡିହିଠାରେ ଏକ ବ୍ୟାରେଜ ନିର୍ମାଣ ହୋଇଛି। ଏହି ବ୍ୟାରେଜରୁ ଓଡ଼ିଶାକୁ ଜଳ ଯୋଗାଣ କେନାଲ ଯୋଗେ ହେବ। ଗାଲୁଡିହି ଟାଟା ନଗରରୁ ୩୦ କି.ମି. ତଳକୁ ଅବସ୍ଥିତ। ଓଡିଶାରେ ତିନୋଟି ବଡ ରିଜର୍ଭର ରହିବ। ସେଗୁଡିକ ହେଉଛି ହଳଦିଆ, ଜମ୍ବିରା ଓ ବାଉରା। ଏହାପରେ ଆହୁରି କିଛି ଛୋଟ ରିଜର୍ଭର ରହିବ। ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ତଦନୁରୂପେ ରିଜର୍ଭର ରହିବ। ଏହି ରିଜର୍ଭର ଗୁଡିକରେ ଜଳ ଷ୍ଟୋର କରି ରଖାଯିବ ଓ ଆବଶ୍ୟକ ମୁତାବକ ଛଡାଯିବ।

ଗାଲୁଡିହିରୁ ଯେଉଁ ମୁଖ୍ୟ କେନାଲ ଆସିବ ତାହା ଦେଉଳି ନିକଟରେ ଥିବା ଜମ୍ବିରା ଡେମରେ ପଡ଼ିବ। ଏହା ପୂର୍ବରୁ ମୁଖ୍ୟ କେନାଲରୁ ଏକ ଶାଖା କେନାଲ ବାହାରି ହଳଦିଆ ବନ୍ଧରେ ପଡ଼ିବ। ଏହାପରେ ଅନ୍ୟ ଏକ କେନାଲ ବାହାରି ବାଉରା ଡେମରେ ପଡିବ। ପୂର୍ବରୁ ହଳଦିଆ ଓ ବାଉରା ଡେମ ରହିଛି। ହଳଦିଆ ଡେମର ଜଳ ଧାରଣ କ୍ଷମତା ବୃଦ୍ଧିପାଇଁ କାମ ସରିଛି। ଜଳ ଷ୍ଟୋରେଜ୍ ଆରମ୍ଭ ହୋଇଯାଇଛି। କେନାଲରେ ପାଣିବି ଛଡା ହେଲାଣି। ଦେଉଳି ନିକଟରେ ଜମ୍ବିରା ଡେମର ନିର୍ମାଣ ପରେ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏକପ୍ରକାର କାର୍ଯ୍ୟ ଶେଷ ହୋଇଥିଲା। ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଡେମର ଉଚ୍ଚତା ବୃଦ୍ଧିକରି ଜଳ ଧାରଣ କ୍ଷମତା ବୃଦ୍ଧି କରାଯାଇଛି। ଏବେ ଡେମ କାମ ସମାପ୍ତ ହୋଇ ଜଳ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ଷାର ସ୍ୱଳ୍ପତା ଓ କେନାଲରେ କମ୍ ପାଣି ଆସିବା ଯୋଗୁଁ ଡେମର ଜଳସ୍ତର ବହୁତ ତଳେ ରହିଛି। ପୂର୍ବ ନିର୍ମିତ ତଳ କେନାଲ ଯୋଗେ ଯେଉଁ ଜଳ ନିଷ୍କାସିତ ହେଉଛି, ସେଥିରେ ଅଳ୍ପକିଛି ଜମି ଜଳସେଚିତ ହେଉଛି। ବାମ ଓ ଡାହାଣ କେନାଲ ଶୃଙ୍ଖଳା ପଡ଼ିଛି, ଯେହେତୁ ଡେମରେ ପର୍ଯ୍ୟାପ୍ତ ପାଣି ନାହିଁ। ଜମ୍ବିରା ଏକ ବର୍ଷାଦିନିଆ ଛୋଟ ନଦୀ। ଏହାର ଜଳରେ ଡେମ ଭରିବ ନାହିଁ। ସେହିପରି ହଳଦିଆ ଓ ବାଉରାର ବନ୍ଧ ଗୋଟିଏ ଗୋଟିଏ ନାଳ ଉପରେ ହୋଇଥିଲା। ଏହି ନାଳ ପାଣି ଦ୍ୱାରା ଡେମ ଭରିବ ନାହିଁ।

ପ୍ରକଳ୍ପ ମୁତାବକ ଗାଲୁଡିହିରୁ କେନାଲ ଯୋଗେ ଯେଉଁ ପାଣି ଆସିବ ତାଦ୍ୱାରା ଡେମ ଭର୍ତ୍ତି ହେବ ଓ ଜଳସେଚନ ପାଇଁ କେନାଲ ଯୋଗେ ପାଣି ବାହାର କରାଯାଇ ପାରିବ। ଚୁକ୍ତି ଅନୁଯାୟୀ ଝାଡଖଣ୍ଡ ନିର୍ଦ୍ଧାରିତ ପରିମାଣର ପାଣି ଓଡିଶାକୁ ଛାଡିବ। ଏଥିରେ କୌଣସି ଖିଲାପ ହେଲେ ବିବାଦ ଉପୁଜିବା ସ୍ୱାଭାବିକ। ଠିକ ଯେଉଁପରି ମହାନଦୀ ଜଳକୁ ନେଇ ଛତିଶଗଡ଼ ସହିତ ଓଡିଶାର ବିବାଦ ଚାଲିଛି। ବର୍ଷାଋତୁରେ କୌଣସି ଅସୁବିଧା ନାହିଁ। ଏହି ସମୟରେ ବଳି ପାଣିକୁ ଓଡିଶା କେନାଲରେ ଛଡ଼ାଯାଇ ପାରିବ। ଏହାବାଦେ ଏହି ସମୟରେ ନଦୀରେ ଜଳପ୍ରବାହ ଅଧିକ ଥିବା ଯୋଗୁଁ ଓଡିଶା ପାଇଁ ଜଳ ପାଇବାରେ ଅସୁବିଧା ହେବ ନାହିଁ। ତେଣୁ ଖରିଫ୍ ଚାଷ ଅନାୟାସରେ ହୋଇପାରିବ। କିନ୍ତୁ ଅନ୍ୟ ସମୟ ପାଇଁ ଅସୁବିଧା ହୋଇପାରେ। ଅନ୍ୟ ସମୟରେ ନଦୀରେ ଜଳପ୍ରବାହ କମ୍ ରହିବ। ଯେଉଁ ସମୟରେ ଜଳ ବିଭାଜନର ଚୁକ୍ତି ହୋଇଥିଲା ସେ ସମୟରେ ନଦୀରେ ଜଳପ୍ରବାହ ଅଧିକ ଥିଲା। ଏବେ ଏହା ଅନେକ ହ୍ରାସ ପାଇଛି। ତେଣୁ ଏହି ସମୟରେ ଓଡିଶା ଯେତେ ଜଳ ପାଇବ ତାହା ରବି ଚାଷପାଇଁ ଯଥେଷ୍ଟ ହେବ ନାହିଁ। ସୁତରାଂ ଏହି ସମୟରେ ଗଚ୍ଛିତ ଜଳକୁ ଓଡ଼ିଶାରେ ବ୍ୟବହାର କରାଯାଇ ପାରିବ। ପ୍ରକଳ୍ପର ଅନୁସରଣରେ ୧୯୮୭ ମସିହାରେ ଚିଫ କନଷ୍ଟ୍ରକସନ ଇଞ୍ଜିନିୟରିସ୍ ଅଫିସ ବାରିପଦାଠାରେ ସ୍ଥାପିତ ହେଲା। ପରେ ଏହା ଦେଉଳିକୁ ସ୍ଥାନାନ୍ତରିତ ହେଲା ଓ ଏଥିପାଇଁ ଜଣେ ଚିଫ୍ ଇଞ୍ଜିନିୟର ନିଯୁକ୍ତ ହେଲେ। ୧୯୯୫ ମସିହାରେ ପ୍ରକଳ୍ପ ଏଆଇବିପି ହାତକୁ ଗଲା ଏବଂ କାର୍ଯ୍ୟାଳୟ ଲକ୍ଷ୍ମୀପୋଷୀକୁ ସ୍ଥାନାନ୍ତରିତ ହେଲା। କାର୍ଯ୍ୟ କଚ୍ଛପ ଗତିରେ ଚାଲିଲା। ପ୍ରକଳ୍ପ ବହୁ ଆଗରୁ ସମାପ୍ତ ହେବାର ଥିଲା। ଦୀର୍ଘ ସମୟ ଭିତରେ ସୁବର୍ଣ୍ଣରେଖା ପ୍ରକଳ୍ପର ଅନେକ କାର୍ଯ୍ୟ ବାକି ରହିଛି। ଏହି ପ୍ରକଳ୍ପ ଆବଶ୍ୟକତା ଠାରୁ ଅଧିକ ସମୟ ନେଇଛି। ବିଭିନ୍ନ ଅଞ୍ଚଳରେ ଯେଉଁ ଛୋଟ ଛୋଟ ଡେମଗୁଡିକ ରହିଛି ଯେଉଁଗୁଡ଼ିକୁ କ୍ଷୁଦ୍ର ଜଳାଶୟଭାବେ ବ୍ୟବହାର କରାଯିବ ସେଗୁଡିକର ଉନ୍ନତିକରଣର ଆବଶ୍ୟକତା ରହିଛି। ହଳଦିଆ ଡେମରେ ପୂର୍ବରୁ ଥିବା ତଳ କେନାଲ କାମରେ ଲାଗୁଛି। ଏହାକୁ କିଛି ମାତ୍ରାରେ ପରିବ୍ୟାପ୍ତ କରାଯାଇଛି। ଏହାର ବାମ ଓ ଡାହାଣ କେନାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନାହିଁ। ଜାମ୍ବିରାର ତଳ କେନାଲରେ ଜଳସେଚନ ହେଉଛି। ବାମ ଓ ଡାହାଣ କେନାଲରେ ପାଣି ଛାଡ଼ିଯାଇ ନାହିଁ। ଏଗୁଡିକର ଶାଖା କେନାଲ ତିଆରି ହେବାକୁ ବାକି ଅଛି। ଓଡିଶା ସୀମାରୁ ହଳଦିଆ କେନାଲ ପର୍ଯ୍ୟନ୍ତ ଅନେକ ବ୍ୟାରେଜ ରହିଛି। ଏହାକୁ ସଂଯୋଗ କରୁଥିବା ଅନେକ ଶାଖା କେନାଲ ତିଆରି ହେବାର ଆବଶ୍ୟକତା ରହଛି।

ଏବେବି ଅନେକଙ୍କ ବିଶ୍ୱାସ ଯେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ପାଇବା ପାଇଁ ଆହୁରି ଅନେକ ବର୍ଷ ଲାଗିବ। କାରଣ ଯେଉଁ ଗତିରେ କାମ ଆଗେଇବା କଥା ତାହା ହେଉ ନାହିଁ। ଏ ଦିଗରେ ନିଶ୍ଚିତ ରୂପେ ପ୍ରାଶାସନିକ ମନ୍ଥରତା ରହିଛି। ତଥାପି ଅଞ୍ଚଳ ବାସୀଙ୍କ ପାଇଁ ଆଶ୍ୱାସନା ଯେ ବିଳମ୍ବ ହେଲେବି କିଛି କାମ ଆଗଉଛି। ଯାହା ହତାଶା ମଧ୍ୟରେ ଆଶାର ସଂଚାର କରୁଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ନୂଆ ବର୍ଷ

**ପ୍ରଭୁକଲ୍ୟାଣ ମହାପାତ୍ର**

ନୂଆ ବର୍ଷ କାହା ପାଇଁ
ନବ ସଂକଳ୍ପର ଦିନ,
ଆଉ କାହା ଲାଗି ତାହା
ଅବସର ବିନୋଦନ

ପ୍ରେମୀ ଯୁଗଳଙ୍କ ମନେ
ଭରେ ସୁନେଲି ସପନ,
ବ୍ୟର୍ଥ ପ୍ରେମିକ ବକ୍ଷେ
ତୋଳେ ଅଜଣା କମ୍ପନ

ପ୍ରିୟା ଲାଗି ପରା ଏହା
ପ୍ରୀତି ଭିଜା ମଧୁ ଜହ୍ନ,
ମୋ ହୃଦୟେ ଆଙ୍କିଦିଏ
ଅପାସୋରା ସ୍ମୃତି ଚିହ୍ନ

ସେତ ଶ୍ରୀ ଜଗନ୍ନାଥଙ୍କର
ବେନି ଚକା ନୟନ,
ଯାହା ବିଶ୍ୱ ବ୍ରହ୍ମାଣ୍ଡେ
ଖେଳାଏ ଅନନ୍ୟ ସ୍ପନ୍ଦନ ।

ମୋ-୯୯୩୭୭୧୧୩୮୯

## ନୂଆ ବରଷ

**ପ୍ରଣୀତା ମିଶ୍ର**



ଘନ କୁହୁଡିର ଓଢ଼ଣୀ ଫାଙ୍କରୁ
ନୂଆ ସମ୍ଭାବନା ନେଇ
ଅନେକ ଉତ୍ସାହ ଉଦ୍ଦୀପନା ସହ
ନୂଆ ବରଷ ଆସଇ

ସକାଳ ସୂରୁଜ ଦିଶେ ଦୀପ୍ତିମାନ
ନୂତନ ରଙ୍ଗେ ରଙ୍ଗେଇ
ନାନା ଜାତି ପୁଷ୍ପ ପ୍ରସ୍ଫୁଟିତ ବୃକ୍ଷେ
ଖୁସିରେ ବିଭୋର ହୋଇ

ଆନନ୍ଦ ଉଲ୍ଲାସେ ନାଚଇ ଧରିତ୍ରୀ
ନାଚନ୍ତି ଏଠି ସରବେ
ପ୍ରେମ ପ୍ରୀତି ଭାବେ ହୋଇ ସମ୍ମୋହିତ
ବାଣ୍ଟନ୍ତି ସେନେହ ଭବେ
ନୂଆ ବର୍ଷ ସାଥେ ନୂତନ ପ୍ରେରଣା
ନୂଆ ନୂଆ ଚିନ୍ତାଧାରା
ଭରିଦେବ ମନ ହୃଦୟ ସଭିଙ୍କ
ଉଚ୍ଛ୍ୱସିତ କରି ଧରା
ପୁରୁଣାର ଦୁଃଖ ଈର୍ଷା ଦ୍ୱେଷ ଭାବ
ଯାଉ ସବୁ ଅପସରି
ନୂତନ ଆଭାରେ ହେଉ ଦୀପ୍ତିମାନ
ନୂଆ ବରଷ ଆମରି
ଭୁଲିଯାଇ ପୂର୍ବ ଅହଂଭାବ ସବୁ
ପୁରୁଣା ଶତ୍ରୁତା ପଣ
ନୂଆ ବରଷ ହେ ଭରିଦିଅ ପ୍ରାଣେ
ସରଳ ଶିଶୁର ମନ
ଜଗତ କରତା ଜଗତର ନାଥ
ଦିଅ ଏତିକି ଆଶିଷ
ତୁମ କରୁଣାରୁ ଭରୁ ସୁଖ ଶାନ୍ତି
ହସୁ ଆନନ୍ଦରେ ବିଶ୍ୱ ।

ଭୁବନେଶ୍ୱର

## ଏମିତିକା ଏଇ ଦିନ

**ଜଗଦୀଶ ସାହୁ**

ଏମିତିକା ଏଇ ଦିନ
ଖରାରେ ବସିଲେ ଦେହ ତାତିଯାଏ
ଛାଇକୁ ଆସିଲେ ଶୀତ ଲାଗୁଥାଏ
ରାତି ବଡ଼ ଦିନ ସାନ !

ଏମିତିକା ଏଇ ଦିନ
ପାଣି ହୁଏ ପର ନିଆଁକୁ ଆଦର
ଗଉରବ ବଢ଼େ ଗରମ ଖାଦ୍ୟର
ମଜ୍ଜାଲାଗେ ଚାହାପାନ !

ଏମିତିକା ଏଇ ଦିନ
କୁହୁଡି କାକର ଶୀତକୁ ନଡରି
ମୁଣ୍ଡେ ଠେକାଭିଡି ହାତେ ଦାଆ ଧରି
ଚାଷୀ କାଟୁଥାଏ ଧାନ !

ଏମିତିକା ଏଇ ଦିନ
କାହାର କାହାର ଓଠ ଫାଟିଯାଏ
ଗୋଇଠି ଫାଟିକି ଆଁ ଦିଶୁଥାଏ
ବହେ ଶୀତଳ ପବନ !

ଏମିତିକା ଏଇ ଦିନ
ଖାଇଲେ ପିଇଲେ ଯେତେ ଯାହାକର
ବଡ଼ ଅସୁବିଧା ବୁଢ଼ାବୁଢ଼ୀଙ୍କର
ଭଲ ରହେ ନାହିଁ ମନ !

ଏମିତିକା ଏଇ ଦିନ
ଧନୁମୁଆଁ ଖାଇ କାଳିଆ ଠାକୁର
ପହିଲି ଭୋଗକୁ ଖୋଜେ ବାରବାର
ଭକତ ଜୀବନ ଧନ
ଏମିତିକା ଏଇ ଦିନ !

ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮
ମୋ-୯୦୭୮୧୮୫୬୧୬

## ମୋ ଗାଁରେ ଶୀତ

**ସୁଧୀର କୁମାର ଦାସ**

ମୋ ଗାଁରେ ଶୀତ ଫୁଟେ
ସଂଜ ହୋଇଗଲେ
ଚୁଲି ମୁଣ୍ଡେ ମୁହଁ ଯୋଡ଼ି
ଭାବ କେତେ ଚାଲେ ॥

ଭାତହାଣ୍ଡି ଫୁଟି ଫୁଟି
ପାଣି ସରିଯାଏ
ମନରେ ତ କେତେ କଥା
ଜଳି ଜଳି ଯାଏ ॥

ମୋ ଗାଁରେ ଖରା ଆସେ
ପାଳ ଗଦା ମୂଳେ
ଛୁଆ ଧରି କୁଣ୍ଡି ଭୁକେ
ନେବ କିଏ କାଳେ ॥

ଦେହରେ ଖରାକୁ ଧରି
ବୁଢ଼ା ବୁଢ଼ି ମିଶି
ଦୁଃଖ ସୁଖ କେତେ କଥା
ସବୁଆଜି ବାସି ॥

ମୋ ଗାଁର ନଈକୂଳ
କଣ୍ଡିଆ ପାଟରେ
ଶୀତ ସେଠି ହସୁଥାଏ
ପରିବା ଚାଷରେ ॥

ମନ ଫୁଲାଣିଆ ଗୀତ
ଦେଖି ସେ ଫସଲ
ଆନନ୍ଦରେ ଗଦ୍‌ଗଦ୍
ଭଲ ହେବ ମୂଲ୍ୟ ॥

ନଈକୂଳେ ନବବଧୂ
ଲାଜ ମୁହଁ କରି
ପାଦ ଚିପି ଧୀରେ ଚାଲେ
ସ୍ନାନ ଦେଇ ସାରି ॥

ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ- ୯୩୩୭୩୩୫୮୩୮

## ପ୍ରଚୋଦିତ ପରାସ୍ତ

**କବିଶ୍ରୀ ବଳରାମ ପୂଜାରୀ**

ବାହୁଡୁ ଥିଲେ !
ବିତର୍କୀତ ବିସର୍ଜିତ ବୟସ
ବାହୁନୁ ଥିଲେ !
ଅଣଲେଉଟା ଅଣାୟତ□ଆୟୁଷ
ଫେରୁଥିଲେ !
ଥକ୍କାହରା ପ୍ରସ୍ତାବିତ ପ୍ରୟାସ
ନିରବୁ ଥିଲେ !
ନୁଆଁଣିଆ ନିର୍ଦ୍ଧାରିତ ନିର୍ଯ୍ୟାସ !
ଖୋଳପା ଛଡାଉଥିଲେ !
ପାପୁଲିଏ ପ୍ରଚୋଦିତ ପରାସ୍ତ
ମୁଁ ମୁକୁଳୁ ଥିଲି !
ଅବିନଶ୍ୱରଙ୍କ ଅବିଶ୍ୱସନୀୟ
ଅନାସ୍ଥା ପ୍ରସ୍ତାବ
ଦୟନୀୟ ଦ୍ୱାରିକାର
ଦଶାଶ୍ୱମେଧ ଘାଟ
ଓ ଦର୍ଶେନ୍ଦ୍ରିୟଙ୍କ ଦଂଶିତ
ଦଶମୂଳାରିଷ୍ଟର
ଦୈନିକ ଦହଗଞ୍ଜରୁ ।

କୁଡୁମୁଲୁଗୁମ୍ମା, ମାଲକାନଗିରି

## ଏକତା ହିଁ ବଳ

**କବିରତ୍ନ ନୂତନ କୁମାର ବେହେରା**

ଏକତା ହିଁ ବଳ ସଂସାରେ ସମ୍ବଳ,
ଅନେକଙ୍କ ମେଳ ଦିଏ ପୁଣ୍ୟଫଳ
ଏକ ଏକ ମିଶି ଦୁଇ ହେଲେ ଖୁସି,
ଏକା ଥିଲେ ବସି ପାରେନା ସେ ହସି
ପାଞ୍ଚଟି ଆଙ୍ଗୁଳି ରହିଲେ ଯେ ମିଳି,
ମୁଠାରେ ସମ୍ଭାଳି ହୁଏ ଭାରି ଥଳୀ
ଥିଲେ ବିଭିନ୍ନତା ଭାଙ୍ଗେ ନୈତିକତା,
ସମୂହ ଏକତା ଆଣେ ସାର୍ଥକତା
ଶାସ୍ତ୍ରୀୟ ପୁରାଣ ଦିଅଇ ପ୍ରମାଣ,
ଏକ ମନ ପ୍ରାଣ ଆଶା କରେ ପୂର୍ଣ୍ଣ
ଲଙ୍କାର ରାବଣ ମାୟା ଯେ କରିଣ,
ସୀତାଙ୍କୁ ହରଣ କରି ଦେଲା ପ୍ରାଣ
ଏକତାର ବଳେ ବାନର ସକଳେ,
ଗଲେ ଲଙ୍କା ସ୍ଥଳେ ସେତୁ ବାନ୍ଧି ଜଳେ
ଅସାଧ୍ୟ ସାଧନ କଲେ ସମ୍ପାଦନ,
ରଖି ପ୍ରଭୁ ମାନ ହେଲେ ଭକ୍ତଗଣ
ପକ୍ଷୀ ଧରି ଆଣି ବ୍ୟାଧ ପାଳେ ପ୍ରାଣୀ,
ଖୁଦକଣା ବୁଣି ଜାଲ ରଖେ ଟାଣି
ଦିନେ ପକ୍ଷୀ ଦଳେ ଚରିବାର ବେଳେ,
ଜାଲରେ ଅକାଳେ ପଡିଲେ ସକଳେ
ମୁକୁଳି ନ ପାରି ଭାଳି ହେଲେ ଭାରି,
ବଞ୍ଚିବେ କିପରି କି ଉପାୟ କରି ?
କରିଣ ବିଚାର କଲେ ସବୁ ସ୍ଥିର,
ଉଡିବେ ଏଥର ଦେଇ ଯେତେ ଜୋର
ଜାଲକୁ ଉଡ଼ାଇ ନେଲେ ଯେ ଚଢ଼େଇ,
ଗଲେ ରକ୍ଷା ପାଇ ବହୁ ଦୂର ଯାଇ
ଏକତାର ପଣ ସମୂହ କଲ୍ୟାଣ,
ବୁଝେ ଯେଉଁ ଜନ ଧନ୍ୟ ତା' ଜୀବନ
ଦେଶ ଜାତି ମାନ ରଖଇ ଅକ୍ଷୁର୍ଣ୍ଣ,
ଏକତାର ଜ୍ଞାନ କରଇ ମହାନ
ଏକତା ପାଳନ କରିଛି ସ୍ୱାଧୀନ,
ଏକତାର ଗାନ ଜାତି ସ୍ୱାଭିମାନ
ଏକତା ହିଁ ବଳ କରଇ ମଙ୍ଗଳ,
ପ୍ରଗତିର ମୂଳ ହୁଏ କାଳ କାଳ ।

କୋହି, ବାରିପଦା, ମୟୂରଭଞ୍ଜ
ମୋ-୮୦୧୮୩୫୩୩୨୨

## ଦାଦନ ନାରୀ

**ବିବୁଲ ମହାକୁର**



ଚରିତ୍ରର ନକ୍ସାକୁ ପାଦ ତଳେ
କଚାଡି ଦେଇ,
ଶାଗୁଣା-ବିଲୁଆ-ଅହିରାଜ ସହ
ମାଟି-ବାଲି- ପଥର ମଧ୍ୟେ
ସ୍ୱପ୍ନର ଇଟା ଗଢିବାରେ ଲାଗେ ।

ଏଠି ଚିତ୍ର ଓ ଚରିତ୍ର ସମାନ
ମଣିଷତ୍ୱ ଅର୍ଥ ହରେଇ ବସେ
ଭୋକର ଚାପ ତଳେ,
ବଞ୍ଚି ବଞ୍ଚେଇବାର ଆଶାରେ
କେତେ କୋହ ବସା ବାନ୍ଧେ ।

ପ୍ରତି ସକାଳେ ଉତ୍ପୀଡିତ ହୁଏ
କେବେ କଣ୍ଟ୍ରାକ୍ଟରର ଅଦୃଶ୍ୟ
ଲାଳସାରେ ବନ୍ଦୀ ହୋଇ,
ପୁଣି କେବେ କୋଟିପତି ମାଲିକର
ବିଛଣାରେ ମରି ମରି ।

ନିଲାମ ହୁଏ ଚରିତ୍ର
ସତୀତ୍ୱର ବଜାର ମଧ୍ୟେ
ପ୍ରସାଧନ ସାମଗ୍ରୀ ପରି,
ଜିହ୍ୱାରେ ଶିଥିଳତା ଭରି ଯାଏ
ନୁଖୁରା ଶିଶୁ ପାଇଁ
ଫୁଙ୍ଗୁଳା ଶରୀର ପାଇଁ ।

ଦୁଇଶହ ଛଅ ଖଣ୍ଡ କାଉଁରିଆ କାଠି
ପ୍ରତ୍ୟହ ଭାଙ୍ଗେ
ପୁଣି ପ୍ରତ୍ୟହ ଯୋଡ଼େ
ପ୍ରତିବାଦ ଆତ୍ମହତ୍ୟା କରେ
ଚିତ୍କାର କରେ ନୀରବ ଶବ୍ଦମାନ ।

ଭବିଷ୍ୟତର ସୁନେଲୀ ସପନ
ରକ୍ତ ପିପାସୁ ପରି ପିଇଯାଏ
ପ୍ରତିଟି ରକ୍ତବିନ୍ଦୁ
ସତେବା ଯେମିତି ଯୁଗ ବଦଳିଯିବ
ଦଶନ୍ଧି ପରେ ।

ଶିଶୁର ମୁଖ, ପେଟର ଭୋକ
ବଦଳେଇ ଦିଏ ଜୀବନ ଭୂଗୋଳ,
ମୃତ୍ୟୁଞ୍ଜୟ ପରି ଅଟକାଇ ଦିଏ
ପ୍ରତିକ୍ଷଣର ମୃତ୍ୟୁକୁ
ଅମାବାସ୍ୟାରେ ଜୁଳୁଜୁଳିଆ ପୋକପରି ।

ବୁର୍ଡ଼ା, ଲୋଇସିଂହା, ବଲାଙ୍ଗୀର
ମୋ-୮୨୪୯୭୦୨୨୫୨

# ପ୍ରଥମ ପ୍ରଥମାଷ୍ଟମୀ



**ପଦ୍ମାଳୟା ପାଢ଼ୀ**

ପ୍ରଥମାଷ୍ଟମୀରେ ପ୍ରଥମ ସନ୍ତାନକୁ ବନ୍ଦାଇବାର ପରମ୍ପରାକୁ ସାମାନ୍ୟ ବଦଳାଇ ପ୍ରତିଭା ଦୁଇଟି ଯାକ ପୁଅଙ୍କୁ ବନ୍ଦଉଛନ୍ତି । ସାନ ପୁଅଟି କାହିଁକି ବା ଗୋଟେ ଭଲ ଦିନରେ ମୁହଁ ଫୁଲେଇ ବସିବ । ସ୍ୱାମୀ ରଜତ ବାବୁ ମଜାରେ ବଡ଼ ପୁଅକୁ କହନ୍ତି ତୋ ମା' ଭଲ ଉପାୟ କରୁଛି । ତୁମ ଦୁଇ ଜଣକୁ ହାତରେ ରଖୁଛି । ଯେମିତି ଆମ ଭିତରେ ଝଗଡ଼ା ହେଲେ ତୁମେମାନେ ମା' ପଟିଆ ହେବ ଓ ବାପାଟି ବିଚରା ସମ୍ପୂର୍ଣ୍ଣ ଏକୁଟିଆ ହୋଇ ରହିଯିବ ।

ସବୁ ବର୍ଷ ଭୋର ଚାରିଟାରୁ ନିକିର ମା' ନିକି ସହିତ ଆସି ପ୍ରତିଭାଙ୍କୁ ସାହାଯ୍ୟ କରି ହାତ ପାଖକୁ ସବୁ ଜିନିଷପତ୍ର ଯୋଗାଡି ଦେଇ ଚାଲିଯାଏ ଓ ପ୍ରତିଭା ରକମ ରକମର ପିଠା କରିବାକୁ ଆରମ୍ଭ କରନ୍ତି । ରଜତ କହନ୍ତି ପ୍ରତିଭାଙ୍କ ସବୁ ପ୍ରତିଭା କାଳେ ପିଠାରେ ହିଁ ପ୍ରତିଫଳିତ ହେଉଛି । ସତରେ ପ୍ରତିଭା କିନ୍ତୁ ଶହେ ପ୍ରକାର ପିଠା ବନେଇବାରେ ଉସ୍ତାଦ । ପଡୋଶୀମାନେ ତାଙ୍କଠୁ ଶିଖନ୍ତି ସିନା କିନ୍ତୁ ତାଙ୍କ ପରି କେହି କରିପାରନ୍ତିନାହିଁ ।

ସବୁ ପିଠା ସରେନା । ପରଦିନ ପୁଣି ବଳକା ଜିନିଷ ନିକିର ମା' ନିଏ । ଦଶ ବର୍ଷ ହେଲାଣି ନିକିର ମା' ପ୍ରତିଭାଙ୍କ ଘରେ କାମ କରି ଆସୁଛି । ନିକି ମଧ୍ୟ ମା'କୁ କାମରେ ସାହାଯ୍ୟ କରେ । ଛ ବର୍ଷର ଝିଅ ନିକିର କାମ ତା' ମା' ଠୁ ମଧ୍ୟ ଆହୁରି ନିଖୁଣ ।

ନିକି ତା' ପରିବାର ମଧ୍ୟରେ ସବୁଠୁ ବଡ଼ । ତା' ତଳେ ତାର ଆହୁରି ଦୁଇ ଭଉଣୀ ଓ ଗୋଟେ ଭାଇ । ନିକିର ମା' କେବେ ପ୍ରଥମାଷ୍ଟମୀ ପାଳେନାହିଁ ସିନା ନିକି କିନ୍ତୁ ବାବୁ ମାନଙ୍କ ଘରକୁ କାମ କରିବାକୁ ଯାଇ ସବୁ ଦେଖିଛି ଓ କେଉଁ ଦିନ କେଉଁ ପର୍ବ ମନାଯାଏ ସବୁ କହିଦେବ ।

ହେଲେ ଏଇ ପ୍ରଥମାଷ୍ଟମୀକୁ ନେଇ ନିକିର ବଡ଼ ଲୋଭ । ସେ କଦାପି ଖାଇବା ରଂକୁଣି ନୁହେଁ କିନ୍ତୁ ନୂଆ ଡ୍ରେସ୍ ପିନ୍ଧି ବନ୍ଦାପନା ହେବାକୁ ଭାରି ମନ ତାର ।

ବାପ ତାର ମା'କୁ ଛାଡି ପାଖ ସାହିରେ ଆଉ ଗୋଟେ ସ୍ତ୍ରୀ ରଖିଛି । ଯାହାକୁ ପୁଣି ସାବତ ମା' କୁହାଯାଏ ବୋଲି ନିକି ଶୁଣିଛି । ସେ ମା'ର ଦୁଇଟି ଝିଅ ଅଛନ୍ତି । ସେ ମା' କିନ୍ତୁ ତା' ନିଜ ଝିଅକୁ ବନ୍ଦାପନା କରି ଟିକା ଲଗାଇ ପିଠା ଖୁଆଇଦିଏ । ସାହିରେ ମଧ୍ୟ ପିଠା ଆଣି ବାଣ୍ଟିଥାଏ । କିନ୍ତୁ ନିକି ଘରେ ଦିଏନା । ନିକିର ମା' ସେ ସ୍ତ୍ରୀ ଲୋକର ସଉତୁଣୀ ବୋଲି ସାହିରେ ସମସ୍ତେ କହନ୍ତି । ତେଣୁ ସଉତୁଣୀକୁ କୌଣସି ଉପହାର ଦିଆଯାଏନା !!

ନିକି ସବୁ ପର୍ବ ପର୍ବାଣିରେ ପ୍ରତିଭାଙ୍କ ଘରୁ ଲୁଗାପଟା ପାଏ । ସାନ ଭାଇ ଭଉଣୀମାନେ ବି ପାଆନ୍ତି । ଯେତେ ଜଣଙ୍କ ଘରେ ତା' ମା' କାମ କରେ ସମସ୍ତେ କିଛି ନା କିଛି ଦିଅନ୍ତି । ସେମାନଙ୍କର ସେତିକିରେ ଚଳିଯାଏ । ହେଲେ ଏଇ ଯୋଉ ବନ୍ଦାପନା କଥା ଅଛି ସେଥିପାଇଁ ନିକି ତା' ମା'କୁ ଥରେ ପଚାରିଥିଲା ଯେ ତା' ମା' ଖାଲି କାନ୍ଦି ଥିଲା ସିନା କିଛି କହି ନଥିଲା । ତା'ପରଠୁ ସେ ମା'କୁ କେବେବି ବନ୍ଦାଇବାକୁ କହିନାହିଁ । ମା'କୁ ଯାହା କହିଲେ ବି ମା' ବାପାକୁ ମନେ ପକାଇ କାନ୍ଦେ । ନିକି ମା' ଆଖିରେ ଲୁହ ଦେଖିପାରେନି ।

ଥରେ ନୂଆ ମା' ତା' ଝିଅକୁ ବନ୍ଦାପନା କଲାବେଳେ ନିକି ଯାଇ ଝରକା ବାଟେ ଦେଖୁଥିଲା ଯେ ତା' ବାପ ଆସି ଧଡ଼ାସ କରି ଝରକା ବନ୍ଦ କରିଦେଲା । ତା ନିଜ ମା' ବି କେତେ କ'ଣ ଉପାସ ବ୍ରତ ରଖେ । ମା' ନିର୍ଜଳା ସାବିତ୍ରୀ ବ୍ରତ କଲା ବେଳେ ନିକି ଭାବେ ସେ ବଡ଼ ହେଲେ ତା' ବର ପାଇଁ ଏମିତି ବ୍ରତ କରିବ । ସେ କଥା ଶୁଣିକି ତା' ମା' ପୁଣି ଉଦାସ ହୋଇଯାଏ ଓ ମା'ର କାନ୍ଦ ଆରମ୍ଭ ହୋଇଯାଏ ।

ପ୍ରତିଭା ସବୁ ଦେଖନ୍ତି ଜାଣନ୍ତି । ନିକିର ମା' ଚାରୋଟି ଛୁଆଙ୍କୁ ଧରି କି ଅବସ୍ଥା ହେଉଛି । କେମିତି ଦିନ କାଟୁଚି ସବୁ ଦେଖନ୍ତି । କିନ୍ତୁ କିଛି କରିପାରନ୍ତିନାହିଁ । ପାରୁପର୍ଯ୍ୟନ୍ତ ନିକିର ମା'କୁ ପଇସା ପତ୍ର ଦେଇ ସାହାଯ୍ୟ କରନ୍ତି । ଆଉ କ'ଣ ବା କରିପାରିବେ ସେ ।

କାଲିର ପ୍ରଥମାଷ୍ଟମୀ କିନ୍ତୁ ସବୁଥର ଠୁ ନିଆରା ଥିଲା ପ୍ରତିଭାଙ୍କ ପାଇଁ । ନିକିର ମା' ଆସି ସବୁ ଯୋଗାଡ଼ି ଦେଇ ଚାଲିଗଲା । ସନ୍ଧ୍ୟାରେ ଆସିବ ଯାହା ପିଠା ପଣା ବଳିଥିବ ନେଇକି ଯିବ । ସମସ୍ତଙ୍କ ଘରୁ ମିଶେଇ ଦେଲେ ତାକୁ ରୋଷେଇ କରିବାକୁ ପଡ଼େନି ସେଦିନ ।

ପ୍ରତିଭାଙ୍କ ବଡ଼ ପୁଅ ସିଲୁ ନିକିଠୁ ବର୍ଷେ ବଡ଼ ହେବ କି କ'ଣ । କିନ୍ତୁ ମା' ବାପାଙ୍କୁ ବୟସ୍କଙ୍କ ଭଳି ଉପଦେଶ ଦେବ । ବଳକା ଖାଇବା ଦେଲା ବେଳେ କହିବ- ମା' ! ଆଉ ଟିକିଏ ଦିଅ ତାଙ୍କୁ ତାଙ୍କ ଘରେ ଏତେ ପିଲା ଅଛନ୍ତି ନିକି ଭାଗକୁ କିଛି ନଥିବ ।

ମା' ! ତୁମେ ନିକିର ମା'କୁ ଶାଢ଼ି ଦେଲ କିନ୍ତୁ ନିକି କ'ଣ ଶାଢ଼ି ପିନ୍ଧି ପାରିବ ? ତା' ପାଇଁ ବି ଗୋଟେ ଫ୍ରକ୍ କିଣି ଆଣିଲନି ।

ସେଦିନ ବନ୍ଦାପନା ସରିଲା ପରେ ସିଲୁର ସାନ ଭାଇ ଦିଲୁ ମଧ୍ୟ ଜିଦ୍ ଧରି ବସିଲା ତାକୁ ବି ଠିକ୍ ସେମିତି ବନ୍ଦାପନା ଦରକାର ଯେମିତି ଭାଇକୁ କରାହେଲା । ତାକୁ ବୁଝାଇବାକୁ ଯାଇ ସିଲୁ କହିଲା- ଆମର ସିନା ବାପା ଅଛନ୍ତି ଚାକିରି କରି ଟଙ୍କା ଆଣିଲେ ମା' ପିଠା ପଣା କରି ପୂଜା କରୁଛନ୍ତି । ନିକିର ତ ବାପା ଛାଡି ଚାଲି ଯାଇଛନ୍ତି । ତାଙ୍କର ଏତେ ଟଙ୍କା ବି ନାହିଁ ତାକୁ କିଏ ବନ୍ଦାପନା କରିବ ଆଜି ? କିନ୍ତୁ ସେ ତ ତୋ ଭଳି ଟିକେ ବି କାନ୍ଦୁନାହିଁ ?

ପ୍ରତିଭାଙ୍କ ହୃଦୟରେ କଥାଟି ଭେଦି ଯାଇଥିଲା । ସତରେ ସେ ବି ତ ସିଲୁ ଦିଲୁ ବୟସର ପିଲାଟିଏ । ସମସ୍ତଙ୍କ ଘରେ ଯାଇ ପୂଜା ପାର୍ବଣ ଦେଖୁଛି । ତାର ବି ମନ ହେଉଥିବ ।

ନିକି ସୁଧାର ପିଲାଟିଏ ହେଲେ ବି ବନ୍ଦାପନା ବେଳେ ସିଲୁକୁ ଅପଲକ ନେତ୍ରରେ ଚାହିଁରହେ । ପ୍ରଥମେ ସେ ବୁଝି ପାରିନଥିଲେ । ପରେ ତା' ମା' ଠୁ ଜାଣିଲେ ଯେ ସଜବାଜ ହୋଇ ନୂଆ ପିନ୍ଧି ବସିବାକୁ ନିକିର ବହୁତ ଆଗ୍ରହ । ତାଙ୍କ ଘରେ ସେ ବି ପ୍ରଥମ ସନ୍ତାନ !

କିନ୍ତୁ ତା' ମା' ଏତେ ପ୍ରକାର ଆଡମ୍ବର କରିପାରେନି । ସୁତରାଂ ନିକି ଆଜି ପର୍ଯ୍ୟନ୍ତ କେବେ ବନ୍ଦାପନା ହେବାର ସୁଯୋଗ ପାଇନାହିଁ ।

ସିଲୁର କଥା ଶୁଣିବା ପରେ ସବୁ କିଛି ଫିକା ଫିକା ଲାଗୁଥିଲା । ଭଳି କି ଭଳି ପିଠା କରିବାର ଚାତୁର୍ଯ୍ୟ, ପଡୋଶୀଙ୍କ ବାହାବା ସାଙ୍ଗକୁ ରଜତଙ୍କ ସାଙ୍ଗ ମେଳରେ ସ୍ତ୍ରୀକୁ ନେଇ ବାହାଦୁରି ସବୁ କିଛି ପାଣିଚିଆ ଲାଗୁଥିଲା ପ୍ରତିଭାଙ୍କୁ । ନିଜ ଘରର ଚାରି କାନ୍ଥ ଭିତରେ ଖୁସିକୁ ବାନ୍ଧି ରଖିଛନ୍ତି ସେ । ସେଇ ଖୁସି ଯେଉଁଥିରେ କେବଳ ତାଙ୍କ ସ୍ୱାମୀ ଓ ପୁଅମାନେ ହିଁ ଭାଗ ବସାଇ ପାରିବେ । ଘରର ଚାରି କାନ୍ଥ ବାହାରକୁ ତାହା ଯିବନାହିଁ । ଖୁସି ଆଜି ପର୍ଯ୍ୟନ୍ତ ତାଙ୍କ ଘରର ପରିସୀମା ଅତିକ୍ରମ କରିପାରିନାହିଁ । ନ ବାଣ୍ଟିଲେ ବଢିବ ବା କେମିତି ।

ହଠାତ୍ ସେ ଉଠିଗଲେ ଓ ନିକିର ମା'କୁ ଫୋନ୍ ଲଗାଇ ଶୀଘ୍ର ନିକିକୁ ନେଇ ପହଞ୍ଚିବା ପାଇଁ କହିଲେ । ନିକିର ମା' ଛାନିଆ ହେଇ ଆସି ପହଞ୍ଚିଥିଲା । କୋଉଠି କିଛି ଭୁଲ୍ ଭଟକା ହେଇଗଲା କି । ଏମିତି ଅସମୟରେ କାହିଁକି ଡାକରା ଆସିଲା । ସାଙ୍ଗରେ ନିକି ଅଛି । ଛ ବର୍ଷର ନିକି ମଧ୍ୟ ବୁଝିପାରୁଛି ଯେ ବାବୁମାନଙ୍କ ଘରେ କାମରେ ଗଡବଡ କଲେ ସେମାନେ କାମରୁ ବାହାର କରିଦେବେ ଓ ତାକୁ ତା' ପରିବାର ସହିତ ଭୋକ ଉପାସରେ ରହିବାକୁ ହେବ ।

ନିକିକୁ ଦେଖି ପ୍ରତିଭା ସିଲୁ ପାଇଁ ନୂଆ କିଣା ଯାଇଥିବା ହଳେ ଜିନ୍ସ ଓ ଟିସାର୍ଟ ଆଣି ଦେଲେ । ନିକି କିଛି ବୁଝିପାରୁନଥିଲା । ପୁଅମାନଙ୍କ ପୋଷାକ ପିନ୍ଧି ସେ କ'ଣ କରିବ । ପ୍ରତିଭା ନିକିର ମା'କୁ ତାର ପୁରୁଣା ଡ୍ରେସ୍ ବଦଳାଇ ସେ ଦେଇଥିବା ସିଲୁର ନୂଆ ଡ୍ରେସ୍ ପିନ୍ଧାଇବାକୁ କହିଲେ । ହେଲେ ମଧ ନିକିର ମା' କିଛି ବୁଝୁନଥାଏ ।

ପ୍ରତିଭା କହିଲେ ଆଲୋ ଚାହୁଁଚୁ କଣ । ଏ ହେଲା ଆଜି କାଲିର ନୂଆ ଷ୍ଟାଇଲ୍ । ଆଜିକାଲି ଝିଅମାନେ ବି ଜିନ୍ସ ପିନ୍ଧିଲେଣି । ନିକି ପାଇଁ ମୋ ଘରେ ଫ୍ରକ୍ ନାହିଁ ତେଣୁ ଏଇଟି ନେ ପିନ୍ଧାଇ ଦେ ତାକୁ । ପ୍ରତିଭା ଯେମିତି କହିଲେ ସେପରି କରିବାକୁ ହେଲା ।

ଏହାପରେ ପ୍ରତିଭା ନିକିକୁ ବସାଇ ବନ୍ଦାଇବାକୁ ଆରମ୍ଭ କରୁ କରୁ ନିକିର ମା' ପଚାରିଲା- ମା' ! ତୁମେ ଏ କ'ଣ କରୁଛ ? ମୋ' ଝିଅକୁ ତୁମେ କାହିଁ ବନ୍ଦଉଛ ?

ନିକି ତୋର ପ୍ରଥମ ସନ୍ତାନ ନୁହେଁ କି ? ଆଜି ପରା ପ୍ରଥମାଷ୍ଟମୀ ମନେ ଅଛିଟି ତୋର ?

ହେଲେ ତୁମ ପିଲା ମାନଙ୍କୁ କରିବା କଥା ନା ।

ଖାଲି ନିଜ ପିଲାଙ୍କୁ ହିଁ ବନ୍ଦାପନା କରାହେବ କିନ୍ତୁ ଆଉ କାହାରିକୁ ହେଇପାରିବନାହିଁ ବୋଲି କୋଉଠି ଲେଖା ହୋଇଛି କହିଲୁ । ସବୁ ନାରୀଙ୍କ ପାଖେ ମାତୃ ସୁଲଭ ଗୁଣଟିଏ ଥାଏ ଖାଲି ନିଜ ପର ଭେଦ ଭାବ ଯୋଗୁଁ ଏହା ପରିସ୍ଫୁଟ ହୋଇପାରେନା । ଆମ ପିଲା ସବୁ ସୁଖର ହକ୍‌ଦାର । ତୋ ପିଲା ପର ତେଣୁ ଆମର କରି ପାରିବା ଶକ୍ତି ଥିଲେ ବି ଆମେ କରିବା ନାହିଁ । ଏଇ ତୋର-ମୋର ପାଚେରୀଟିକୁ ଯଦି ସିଲୁ ଭଳିଆ ସାତ ବର୍ଷର ପିଲାଟିଏ ବୁଝି ପାରିଛି ତେବେ ମୁଁ କାହିଁକି ପାରିବିନି ?

ପ୍ରତିଭା ଜନ୍ମରୁ ଯେତେ ପ୍ରଥମାଷ୍ଟମୀ ଦେଖିଆସିଛନ୍ତି ଏଇଟି ହେଉଛି ଅର୍ଥପୂର୍ଣ୍ଣ ଓ ସବୁଠୁ ଅଲଗା । ଏହି ଦିନଟିକୁ ସେ କେବେ ବି ଭୁଲିବେନାହିଁ କି ନିକି ବି ଭୁଲିପାରିବନାହିଁ । ପ୍ରଥମଥର ପ୍ରଥମାଷ୍ଟମୀ ପାଳୁଛି ସେ ।

ନିକି ଭାବୁଥିଲା ତେବେ ତାକୁ ଏହି ସ୍ୱର୍ଗୀୟ ସୁଖଟି ଦେବା ପଛରେ ଯେ ଅଛି ସେ ହେଉଛି ସିଲୁ । ଭଗବାନ ସିଲୁକୁ ଭଲ ପାଠ ଦିଅ । ସବୁବେଳେ ସେ ଅଙ୍କ ହଉନି ବୋଲି ବାପାଙ୍କ ଠୁ ମାଡ଼ ଖାଉଛି । ତାର ସବୁ ଅଙ୍କ ଠିକ୍ ହେଇଯାଉ ।

ଆଜି ନିକି ନିଜକୁ କୌଣସି ରାଜକୁମାରୀ ଠାରୁ କମ୍ ଭାବୁ ନଥିଲା । ତାକୁ ବି ଚିତା ତିଳକ ଲାଗିଲା ଓ ସେବି ପୂଜା ପାଇଲା ଯେ !! ପ୍ରଥମଷ୍ଟାମୀରୁ ନିକି ତା ଜୀବନର ପ୍ରଥମ ପର୍ବ ପାଳିବା ଆରମ୍ଭ କରିଥିଲା ।

> **ନିକି ସବୁ ପର୍ବ ପର୍ବାଣିରେ ପ୍ରତିଭାଙ୍କ ଘରୁ ଲୁଗାପଟା ପାଏ । ସାନ ଭାଇ ଭଉଣୀମାନେ ବି ପାଆନ୍ତି । ଯେତେ ଜଣଙ୍କ ଘରେ ତା' ମା' କାମ କରେ ସମସ୍ତେ କିଛି ନା କିଛି ଦିଅନ୍ତି । ସେମାନଙ୍କର ସେତିକିରେ ଚଳିଯାଏ । ହେଲେ ଏଇ ଯୋଉ ବନ୍ଦାପନା କଥା ଅଛି ସେଥିପାଇଁ ନିକି ତା' ମା'କୁ ଥରେ ପଚାରିଥିଲା ଯେ ତା' ମା' ଖାଲି କାନ୍ଦି ଥିଲା ସିନା କିଛି କହି ନଥିଲା । ତା'ପରଠୁ ସେ ମା'କୁ କେବେବି ବନ୍ଦାଇବାକୁ କହିନାହିଁ । ମା'କୁ ଯାହା କହିଲେ ବି ମା' ବାପାକୁ ମନେ ପକାଇ କାନ୍ଦେ । ନିକି ମା' ଆଖିରେ ଲୁହ ଦେଖିପାରେନି ।**

# କେପଟାଉନ ଟେଷ୍ଟରେ ଐତିହାସିକ ବିଜୟ ପରେ ବି ଶୀର୍ଷ ସ୍ଥାନ ହରାଇଲା ଟିମ୍ ଇଣ୍ଡିଆ



**ନୂଆଦିଲ୍ଲୀ**

ଭାରତୀୟ ଦଳ କେପଟାଉନରେ ଘରୋଇ ଦକ୍ଷିଣ ଆଫ୍ରିକାକୁ ୭ ୱିକେଟ୍‌ରେ ହରାଇ ଐତିହାସିକ ବିଜୟ ହାସଲ କରିଛି। ଭାରତୀୟ ଦଳ ପ୍ରଥମ ଏସୀୟ ଦେଶ ଭାବେ ଏହି ମଇଦାନରେ ଟେଷ୍ଟ ମ୍ୟାଚ୍ ଜିତିଛି। ମାତ୍ର ଏହି ଦମ୍‌ଦାର ବିଜୟ ପରେ ବି ଭାରତୀୟ ଦଳ ଆଇସିସି ମାନ୍ୟତାରେ ଏକ ନମ୍ବର ସ୍ଥାନ ବଜାୟ ରଖି ପାରିନାହିଁ। ଅନ୍ୟପଟେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନକୁ ଉଠିଛି କଙ୍ଗାରୁ ଦଳ। ପାକିସ୍ତାନ ବିପକ୍ଷରେଲଗାତାର ଦୁଇଟି ମ୍ୟାଚ୍ ଜିତିଛି।

ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପ୍ରଥମ ମ୍ୟାଚ୍ ହାରିବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଐତିହାସିକ ବିଜୟ ହାସଲ କରିଛି। ଏହା ପରେ ଦଳ ୧୧୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୧୧୮ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଇଂଲଣ୍ଡ ୧୧୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ୧୦୬ ପଏଣ୍ଟ ସହ ଚତୁର୍ଥ ଏବଂ ନ୍ୟୁଜିଲାଣ୍ଡ ୯୫ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି।

ମାନ୍ୟତାରେ ପାକିସ୍ତାନର ଅବସ୍ଥା ଶୋଚନୀୟ ରହିଥିବା ବେଳେ ୯୨ ରେଟିଂ ପଏଣ୍ଟ ସହ ଦଳ ଷଷ୍ଠ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ନିକଟରୁ ଲଗାତାର ୨ଟି ଟେଷ୍ଟ ହାରିବା ପରେ ପାକିସ୍ତାନର ମାନ୍ୟତାରେ ଅବନ୍ନତି ଘଟିଛି। ଉଲ୍ଲେଖନୀୟ ଭାରତ କେପଟାଉନରେ ଘରୋଇ ଦକ୍ଷିଣ ଆଫ୍ରିକାକୁ ୭ ୱିକେଟ୍‌ରେ ହରାଇ ଐତିହାସିକ ବିଜୟ ହାସଲ କରିଛି। ମ୍ୟାଚ୍ ମାତ୍ର ଦେଢ ଦିନରେ ଶେଷ ହେବା ସହ ଟେଷ୍ଟ ଇତିହାସର ସବୁଠୁ ଛୋଟ ମ୍ୟାଚ୍ ବିବେଚିତ ହୋଇଛି।

# ଘୋଷଣା ହେଲା ଟି-୨୦ ବିଶ୍ୱକପ ୨୦୨୪ ପାଇଁ କ୍ରୀଡ଼ାସୂଚୀ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର କାର୍ଯ୍ୟସୂଚୀ ଘୋଷଣା କରିଛି। ଆସନ୍ତା ଟି-୨୦ ବିଶ୍ୱକପ୍ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଜୁନ୍ ୯ ତାରିଖରେ ହାଇଭୋଲଟେଜ୍ ମୁକାବିଲା ଖେଳାଯିବ। ଟି-୨୦ ବିଶ୍ୱକପ୍‌ରେ ଏଥର ୨୦ ଦଳ ଅଂଶଗ୍ରହଣ କରିବେ।

ଆଇସିସି ଦ୍ୱାରା ଜାରୀ କ୍ରୀଡ଼ାସୂଚୀ ଅନୁସାରେ ଭାରତ, ପାକିସ୍ତାନ, ଆୟରଲାଣ୍ଡ, ଆମେରିକା ଓ କାନାଡ଼ାକୁ ଗୋଟିଏ ଗ୍ରୁପରେ ରଖା ଯାଇଛି। ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ସହ ଆୟୋଜକ ଆମେରିକା ନିଜର ଚିର ପ୍ରତିଦ୍ୱନ୍ଦ୍ୱୀ କାନାଡ଼ା ମଧ୍ୟରେ ଖେଳାଯିବ। ଟି-୨୦ ବିଶ୍ୱକପ ଜୁନ ୧ରୁ ଆରମ୍ଭ ହେଉଥିବା ବେଳେ ଏହାର ଫାଇନାଲ ମ୍ୟାଚ୍ ଜୁନ ୨୯ ତାରିଖରେ ଖେଳାଯିବ। ଭାରତର ସମସ୍ତ ମ୍ୟାଚ୍ ଆମେରିକାରେ ଖେଳାଯିବ। ଭାରତ ବିଶ୍ୱକପରେ ନିଜର ଅଭିଯାନ ଜୁନ୍ ୫ରେ ଆୟରଲାଣ୍ଡ ବିପକ୍ଷ ମୁକାବିଲା ଆରମ୍ଭ କରିବ।

ଟି-୨୦ ବିଶ୍ୱକପ ୨୦୨୪ ଏକ ନୂତନ ଫର୍ମାଟ୍‌ରେ ଖେଳାଯିବ। ପ୍ରଥମ ଥର ୨୦ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ୫ଟି ଲେଖାଏଁ ଦଳକୁ ନେଇ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ୨ ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିବେ। ଏହି ପର୍ଯ୍ୟାୟର ୪-୪ ଦଳକୁ ନେଇ ୨ଟି ଗ୍ରୁପରେ ବିଭକ୍ତ କରାଯିବ। ଏହି ଗ୍ରୁପର ଶୀର୍ଷ ୨ ଦଳ ସେମି ଫାଇନାଲ୍‌ରେ ପହଞ୍ଚିବେ। ଏହା ପରେ ଜୁନ୍ ୨୯ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ଗ୍ରୁପ ଏ- ଭାରତ, ପାକିସ୍ତାନ, ଆୟରଲାଣ୍ଡ, ଆମେରିକା ଓ କାନାଡ଼ା। ଗ୍ରୁପ ବି- ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମିବ୍ୟା, ସ୍କଟଲାଣ୍ଡ ଓ ଓମାନ। ଗ୍ରୁପ ସି- ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ୟୁଗାଣ୍ଡା ଓ ପପୁଆ ନ୍ୟୁ ଗିନି। ଗ୍ରୁପ ଡି- ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେଦରଲାଣ୍ଡ ଓ ନେପାଳ। ଟି-୨୦ ବିଶ୍ୱକପ୍ ୨୦୨୪ରେ ଭାରତର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍। ଭାରତ ବନାମ ଆୟରଲାଣ୍ଡ- ଜୁନ ୫, ନ୍ୟୁୟର୍କ। ଭାରତ ବନାମ ପାକିସ୍ତାନ-ଜୁନ ୯, ନ୍ୟୁୟର୍କ। ଭାରତ ବନାମ ଆମେରିକା-ଜୁନ ୧୨, ନ୍ୟୁୟର୍କ। ଭାରତ ବନାମ କାନାଡା- ଜୁନ ୧୫, ଫ୍ଲୋରିଡା।

ଟି-୨୦ ବିଶ୍ୱକପ୍‌ର କ୍ରୀଡ଼ାସୂଚୀ : ଗ୍ରୁପ ଷ୍ଟେଜ୍-ଜୁନ ୧ରୁ ଜୁନ ୧୮, ସୁପର ୮-ଜୁନ ୧୯ରୁ ଜୁନ ୨୪, ସେମିଫାଇନାଲ୍-ଜୁନ ୨୬ ଓ ଜୁନ ୨୭, ଫାଇନାଲ୍-ଜୁନ ୨୯।

ସୂଚନାଯୋଗ୍ୟ, ଭାରତ ପାଇଁ ରୋହିତ ଶର୍ମା ଓ ବିରାଟ କୋହଲି ବିଶ୍ୱକପ ୨୦୨୪ ଖେଳି ପାରନ୍ତି। ଏହି ଦୁଇ ଖେଳାଳି ଦୀର୍ଘ ସମୟ ଧରି ଟି-୨୦ଦଳରୁ ବାହାରେ ରହିଛନ୍ତି। ମାତ୍ର ଏବେ ଏହି ଦୁଇ ବରିଷ୍ଠ ଖେଳାଳିଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିପାରେ। ବିସିସିଆଇ ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା କରିପାରେ। ଆଉ ଜାତୀୟ ଗଣମାଧ୍ୟମର ଖବର ଅନୁଯାୟୀ, ଏହି ସିରିଜ୍‌ରେ ରୋହିତ ଓ ବିରାଟ

# ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇଥିବା ଡିନ୍ ଏଲଗରଙ୍କୁ ଟିମ୍ ଇଣ୍ଡିଆର ବିଶେଷ ଉପହାର




**ନୂଆଦିଲ୍ଲୀ**

କେପଟାଉନରେ ଭାରତ ବିପକ୍ଷରେ ଡିନ୍ ଏଲଗାର ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଲଗାର ଶେଷ ଟେଷ୍ଟରେ ଆଫ୍ରିକାକୁ ୭ ୱିକେଟରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। କ୍ୟାରିୟରର ଶେଷ ଟେଷ୍ଟରେ ଏଲଗାର ଯଥାକ୍ରମେ ଉଭୟ ଇନିଂସରେ ୦୪ ଏବଂ ୧୨ ରନ ସ୍କୋର କରିଥିଲେ। ମ୍ୟାଚ୍ ପରେ ଟିମ୍ ଇଣ୍ଡିଆ ଏବଂ ବିରାଟ କୋହଲି ଏଲଗାରଙ୍କୁ ଏକ ବିଶେଷ ଉପହାର ଦେଇଛନ୍ତି, ଯାହା ବିସିସିଆଇ ସୋସିଆଲ ମିଡିଆ ମାଧ୍ୟମରେ ଶେୟାର କରିଛି। ସୂଚନାଯୋଗ୍ୟ, ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ପରେ ଟିମ୍ ଇଣ୍ଡିଆ ଡିନ୍ ଏଲଗାରଙ୍କୁ ଏକ ଭାରତୀୟ ଜର୍ସି ଉପହାର ଦେଇଥିଲା, ଯେଉଁଥିରେ ରୋହିତ ଶର୍ମାଙ୍କ ଠାରୁ ବିରାଟ କୋହଲିଙ୍କ ପର୍ଯ୍ୟନ୍ତ ସମସ୍ତ ଭାରତୀୟ ଖେଳାଳିଙ୍କ ଦସ୍ତଖତ ରହିଥିଲା। ଜର୍ସିରେ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ ଦସ୍ତଖତ ମଧ୍ୟ ଦୃଶ୍ୟମାନ ହୋଇଥିଲା। ଏହା ବ୍ୟତୀତ ବିରାଟ କୋହଲି ଅଲଗା ଭାବରେ ଏଲଗାରଙ୍କୁ ତାଙ୍କ ନାମ ସହିତ ଏକ ଜର୍ସି ଦେଇଥିଲେ।

ବିସିସିଆଇ ସୋସିଆଲ ମିଡିଆ ମାଧ୍ୟମରେ ଦୁଇଟି ଫଟୋ ଶେୟାର କରିଛି। ଏକ ଫଟୋରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଦକ୍ଷିଣ ଆଫ୍ରିକାର ଖେଳାଳି ଡିନ ଏଲଗାରଙ୍କୁ ଭାରତୀୟ ଜର୍ସି ଦେଉଥିବାର ନଜର ଆସିଥିଲେ, ଯେଉଁଥିରେ ମୁଖ୍ୟ ପ୍ରଶିକ୍ଷକଙ୍କ ସମେତ ଭାରତୀୟ ଖେଳାଳିଙ୍କ ଦସ୍ତଖତ ଥିଲା। ଏହା ବ୍ୟତୀତ ଦ୍ୱିତୀୟ ଫଟୋରେ ବିରାଟ କୋହଲି ହସଖୁସିରେ ଡିନ ଏଲଗାରଙ୍କୁ ତାଙ୍କ ନାମ ସହିତ ଜର୍ସି ଦେଉଥିବାର ନଜର ଆସିଥିଲେ। ଏହି ସମୟରେ ଏଲଗାର ଭାରତୀୟ ବ୍ୟାଟ୍ସମ୍ୟାନଙ୍କ କାନ୍ଧରେ ହାତ ରଖିଥିବାର ନଜର ଆସିଥିଲେ।

# ଠକାମୀର ଶିକାର ହେଲେ ଧୋନୀ

**ନୂଆଦିଲ୍ଲୀ**

ଭରସା ଦେଇ ଠକି ଦେଲେ ଘନିଷ୍ଠ ବନ୍ଧୁ। ୧୫ କୋଟି ଟଙ୍କାର କ୍ଷତି ସହିଲେ ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପ୍ଟେନ ମହେନ୍ଦ୍ର ସିଂହ ଧୋନୀ। ଠକାମୀର ଶିକାର ହେବା ପରେ ଧୋନୀ ତାଙ୍କ ବନ୍ଧୁ ଓ ବିଜ୍‌ନେସ ପାର୍ଟନର୍ ମିହିର ଦିବାକର ଓ ସୌମ୍ୟ ବିଶ୍ୱାସଙ୍କ ବିରୋଧରେ ରାଞ୍ଚି କୋର୍ଟରେ ମାମଲା ଦାୟର କରିଛନ୍ତି। ଅର୍କ ସ୍ପୋର୍ଟ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଲିମିଟେଡ୍‌ର ଏହି ଦୁଇ ଜଣଙ୍କ ବିରୋଧରେ ମାମଲା ହୋଇଛ। ଖବର ଅନୁସାରେ, ୨୦୧୭ରେ ଦିବାକର ଓ ଧୋନୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁସାରେ ବିଶ୍ୱରେ କ୍ରିକେଟ ଆକାଡେମୀ ଖୋଲିବାକୁ ପ୍ରସ୍ତାବ ରହିଥିଲା ହେଲେ ଦିବାକର ଚୁକ୍ତିର ନିୟମ ପାଳନ କରି ନଥିଲେ। ଚୁକ୍ତିର ସର୍ତ୍ତ ଅନୁସାରେ, ଅରକା ସ୍ପୋର୍ଟ୍ସ ଫ୍ରାଞ୍ଚାଇଜ୍ ଶୁଳ୍କର ପେମେଣ୍ଟ କରିବା ଓ ଲାଭ ପରସ୍ପର ସହ ସେୟାର କରିବା ବାଧ୍ୟତାମୂଳକ ଥିଲା। ହେଲେ ଦିବାକର କିନ୍ତୁ ଏହାକୁ ମାନି ନଥିଲେ। ଧୋନୀଙ୍କ ପକ୍ଷରୁ ବାରମ୍ବାର ଦିବାକରଙ୍କୁ ନିୟମ ମାନିବାକୁ କୁହାଯାଇଥିଲେ ମଧ୍ୟ କିଛି ପରିଣାମ ହୋଇ ନଥିଲା। ଫଳରେ ଧୋନୀ ବାଧ୍ୟ ହୋଇ ୨୦୨୧ ଅଗଷ୍ଟ ୧୫ ତାରିଖରେ ଅର୍କ ସ୍ପୋର୍ଟ୍ସ କମ୍ପାନୀରୁ ନିଜର ଅଥୋରିଟି ଲେଟର ପ୍ରତ୍ୟାହାର କରି ନେଇଥିଲେ। ଏହାପରେ ଏକାଧିକ ଆଇନଗତ ନୋଟିସ୍ ପଠାଇଥିଲା।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ରାଇଜିଂ ଷ୍ଟୁଡ଼େଣ୍ଟ କଟକ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଅଷ୍ଟମ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟୁଡ଼େଣ୍ଟ କଟକ ଓ ଜିମ୍ ଖାନା ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଇଜିଂ ଷ୍ଟୁଡ଼େଣ୍ଟ କଟକ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଇଜିଂ ଷ୍ଟୁଡ଼େଣ୍ଟ କଟକ ନିର୍ଦ୍ଧାରିତ ୨୫ ଓଭର ଖେଳି ୬ ଉଇକେଟ୍ ହରାଇ ୧୪୯ ରନ୍



ସଂଗ୍ରହ କରିଥିଲା। ଦଳପକ୍ଷରୁ ଗିରିଜା ବାରିକ ୫୧ ରନ୍, ଅଭିନାଶ ନାୟକ ୩୦ ରନ୍ ସଂଗ୍ରହ କରିଥିଲେ। ଜିମ୍ ଖାନା ରାଉରକେଲାର ବୋଲର ଗୋବିନ୍ଦ ତାଣ୍ଡିଆ ୫ ଓଭର ବୋଲିଂ କରି ୨୭ ରନ୍ ଦେଇ ୨ଟି ଉଇକେଟ୍ ନେଇଥିବାବେଳେ ଅଙ୍କିତ୍ ମହାନ୍ତି ୪ ଓଭର ବୋଲିଂ କରି ୨୭ ରନ୍ ଦେଇ ୧ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଜିମ୍ ଖାନା ରାଉରକେଲା ୧୯.୪ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୮୫ ରନ୍ ସଂଗ୍ରହ କରି ରାଇଜିଂ ଷ୍ଟୁଡ଼େଣ୍ଟ କଟକ ଠାରୁ ପରାସ୍ତ ହୋଇଥିଲେ। ରାଇଜିଂ ଷ୍ଟୁଡ଼େଣ୍ଟ କଟକ ବୋଲର ବିଶ୍ୱଜିତ୍ ୩.୪ଓଭର ବୋଲିଂ କରି ୮ରନ୍ ଦେଇ ୪ଟି ୱିକେଟ୍ ଅକ୍ତିୟାର କରିଥିବା ବେଳେ ପ୍ରଦୀପ୍ତ ଓଭର ବୋଲିଂ କରି ୬ରନ୍ ଦେଇ ୩ଟି ୱିକେଟ୍ ଅକ୍ତିୟାର କରିଥିଲେ। ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଗିରିଜା ବାରିକଙ୍କୁ ହରପାର୍ବତୀ ଛକ ଯାଜପୁର ଟାଉନର ଶ୍ରୀଜୟ ଆଣ୍ଡ ପାର୍ଟି ପୁରସ୍କୃତ କରିଥିଲେ। ଶୁକ୍ରବାରର ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ଆଣ୍ଡ ପାର୍ଟିର ବରିଷ୍ଠ ସଦସ୍ୟ ସନ୍ତୋଷ ମହଲା, ନୀଳମଣି ପରିଡ଼ା, ରବିନ୍ଦ୍ର ଭୋଇ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି ଓ ଏସ୍.କେ. କାଶିଫ୍ ଅଲ୍ଲୀ ପରିଚାଳନା କରିଥିଲେ।

# ବ୍ଲକ୍ ସ୍ତରୀୟ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଘାଟିତ

**ବିଷମ କଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ସଦର ମା' ମାର୍କମା କଲେଜ ପଡ଼ିଆ ଠାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବ୍ଲକ୍ ସ୍ତରରେ କ୍ରୀଡ଼ାର ଭିତ୍ତିଭୂମିକୁ ସୃଦୁଢ଼ କରି ପ୍ରତିଭା ଚିହ୍ନଟ କରି ନୂତନ ଓଡ଼ିଶା ଗଠନରେ ଯୁବବର୍ଗଙ୍କୁ ସାମିଲ କରିବାର ମୂଳଲକ୍ଷ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଷମକଟକର ମା' ମାର୍କମା କଲେଜ ପଡ଼ିଆ ଠାରେ ବ୍ଲକ୍ ସ୍ତରୀୟ ନୂଆ-ଓ ଅନ୍ତର୍ଗତ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମଗ୍ର ବ୍ଲକ୍‌ରୁ ଖୋ ଖୋ, କବାଡ଼ି, ଫୁଟ୍‌ବଲ୍, କ୍ରିକେଟ, ଭଲିବଲ ଆଦି ପ୍ରତିଯୋଗିତା ନିମନ୍ତେ



୩୯ଟି ଦଳରେ ବାଳକ ଓ ବାଳିକା ଅଂଶ ଗ୍ରହଣ କରିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି। ଏହି ଅବସରରେ ଗୁରୁବାର ସକାଳ ୧୦ ଘଟିକା ସମୟରେ ମା' ମାର୍କମା କଲେଜ ପଡ଼ିଆ ଠାରେ ସ୍ଥାନୀୟ ବିଧାୟକ ତଥା ଅନୁସୂଚିତ ଜନ ଜାତି ପଛୁଆବର୍ଗ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ଶାରକା ଯୋଗ ଦେଇ ମଶାଲ ପ୍ରଜ୍ୱଳିତ କରି ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଉପ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢୀ, ବିଡ଼ିଓ ସଦଶିବ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ୩୮ତମ ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା : ଓଡ଼ିଶାକୁ ୧୫ ପଦକ

**ଭୁବନେଶ୍ୱର**

ବେଙ୍ଗାଲୁରୁସ୍ଥିତ କୋରମଙ୍ଗଲ ଇନ୍‌ଡୋର ଷ୍ଟାଡିୟମରେ ୩୮ତମ ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ରାଜ୍ୟରୁ ୬୬୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ୧୫ ପ୍ରତିଯୋଗୀ ଭାଗନେଇ ରାଜ୍ୟ ପାଇଁ ୧୫ ପଦକ ଜିତିଛନ୍ତି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ ବାଳକ ବିଭାଗ ବ୍ୟକ୍ତିଗତ ସ୍ପାଇରିଂରେ ତ୍ରିନାଥ ମଣ୍ଡଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କୁଳଦୀପ ନାୟକ, ଶୁଭମ୍ ନାୟକ, ପୂର୍ଣ୍ଣବ୍ରହ୍ମ ମୁଦୁଲି ରୌପ୍ୟ ଏବଂ ସାଇପ୍ରେମ୍ ଡୋରା, ଶ୍ରେୟାଂଶୁ ଦାସ, ଆଦିତ୍ୟ ନାରାୟଣ ସୁବୁଦ୍ଧି ଓ ସୁରୋଜ ବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ବ୍ୟକ୍ତିଗତ ତୁଲ୍‌ସ ବାଳକ ବିଭାଗରେ ଲକ୍ଷ୍ମୀ ପ୍ରସାଦ, ତ୍ରିନାଥ ମଣ୍ଡଳ, କୁଳଦୀପ ରୌପ୍ୟ ଏବଂ ଗ୍ରୁପ୍ ତୁଲ୍‌ସ ପୁରୁଷ ବିଭାଗରେ ଲକ୍ଷ୍ମୀ ପ୍ରସାଦ, ତ୍ରିନାଥ ମଣ୍ଡଳ ଓ କୁଳାଦ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଥିଲେ।

# ମହାବୀର ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ଖମାର କେଶପୁର ଅନ୍ତର୍ଗତ ଜଙ୍ଗାଙ୍ଗ ଠାରେ ଥିବା ମହାବୀର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ମନୀଷା ସିଂହ, କନକ ଓଝା, ସୁକାନ୍ତୀ ସାହୁ, ସସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଶତାଧିକ ଛାତ୍ରୀମାନଙ୍କ ଦ୍ୱାରା ଦୌଡ଼, ବାଲ୍ଟି ବାଇଗଣ, ଆଳୁ ଚାମଚ, ସଟଫୁଟ, ଡିସ୍‌କସ୍, ହାଇ ଜମ୍ପ, ଲଙ୍ଗ ଜମ୍ପ, ଝୋଟି, ଶଙ୍ଖ, ହୁଳହୁଳି ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ ସୁଧାଂଶୁ ଶେଖର ପରିଡ଼ା, ଗ୍ୟାଲେକ୍ସି ପ୍ରଧାନ, ପ୍ରଦ୍ୟୁମ୍ନ ବେହେରା, ହେମନ୍ତ ସାହୁ, ଉର୍ମିଳା ସିଂହ, ତପନ ପାତ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ଜାନୁଆରୀ ୧୩ରୁ କଣ୍ଟାବାଞ୍ଜିରେ ଆରମ୍ଭ ହେବ ଅଲ୍ ଇଣ୍ଡିଆ ଚେସ୍ ପ୍ରତିଯୋଗିତା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ସହରରେ ପ୍ରଥମ ଥର ପାଇଁ ଜାନୁଆରୀ ୧୩ ରୁ ୧୫ ତାରିଖ ଯାଏ ବିଜୁ ପଟ୍ଟନାୟକ କଣ୍ଟାବାଞ୍ଜି ଅଲ୍ ଇଣ୍ଡିଆ ଓପନ ଚେସ ଚାମ୍ପିଅନସିପ୍ ଆରମ୍ଭ ହେବ। ସ୍ଥାନୀୟ ହରିଭବନରେ ଏହା ହେବାକୁ ଥିବା ବେଳେ ଜିଲ୍ଲା ବଲାଙ୍ଗିର ଚେସ୍ ଆସୋସିଏସନଙ୍କ ସହବନ୍ଧିତାରେ ଥିବା କଣ୍ଟାବାଞ୍ଜି ଚେସ୍ ଆସୋସିଏସନର ଆନୁକୂଲ୍ୟରେ ଏହା ଆୟୋଜିତ ହେବ। ଏଥିରେ ଜାତୀୟ ସ୍ତରର ଖେଳାଳିମାନେ ନିଜର ପ୍ରତିଭା ଦେଖାଇବେ। ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜି ସହରରେ ଚେସ୍ ପ୍ରତିଯୋଗିତା ହୋଇଛି। କିନ୍ତୁ ପ୍ରଥମ ଥର ପାଇଁ ଅଲ ଇଣ୍ଡିଆ ଚେସ୍ ପ୍ରତିଯୋଗିତା ହେଉଥିବା ମିଡିଆ ପ୍ରଭାରି ଆଶିଷ ଖଇତାନ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ସହ ପଶ୍ଚିମବଙ୍ଗାଳ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟଣା, ମଧ୍ୟପ୍ରଦେଶର ଖେଳାଳିମାନେ ଭାଗ ନେବା ପାଇଁ ପଞ୍ଜିକରଣ କରିଛନ୍ତି, ହାରାହାରି ୪୦୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗନେବେ ବୋଲି ଅନୁମାନ ରହିଛି। ଆୟୋଜକ କମିଟି ସଭାପତି ସୁଖଦେବ ମହାନ୍ତି, ସମ୍ପାଦକ ମଟିନ୍ଦ୍ର ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ସତୀଶ ମାରୁ, ଉପସଭାପତି ବିନୟ କୁମାର ବେହେରା, ସହ- ସମ୍ପାଦକ ପ୍ରଶାନ୍ତ ପାଢୀ, ପରାମର୍ଶଦାତା ଦେବେନ୍ଦ୍ର ଯୋଶୀ, ରାଜେଶ କୁମାର, ଭବାନୀ ପ୍ରସାଦ ମେହେର, ପ୍ରତ୍ୟୁଷ ମହାନ୍ତି, ସନ୍ତୋଷ ମହାନ୍ତି, ଦେବ ମହାନ୍ତି, ମନୀଷ ଜୈନ, ବିପୁଳ ମାରୁ , ତାସିବ ଖାଁ , ଅରବିନ୍ଦ ଚନ୍ଦନ, ଦେବାର ବାରିକ, ସୀମରନ କୌର, ଆଇନ ପରାମର୍ଶଦାତା ବିବେକ ଶର୍ମା ଥିବା ବେଳେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ସାମିଲ ହେବାକୁ ବା ପଞ୍ଜିକରଣ ପାଇଁ ସଂଯୋଜକ ସତୀଶ ମାରୁ ୯୦୭୮୯୫୭୧୨୧, ରଞ୍ଜିତ ସିଂ ବାବୁ ( ୭୯୭୮୭୪୯୭୭୨ ) ଏବଂ ଦିଲୀପ କୁମାର ରଣାଙ୍କ (୭୮୪୭୯୭୮୮୩୩) ସହ ଯୋଗାଯୋଗ କରିପାରିବେ।

CAD-3578

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୫୮୧୨୮ / ଭୁ.ଉ.କ., ଭୁବନେଶ୍ୱର ତା ୩୦.୧୨.୨୦୨୩ରିଖ
CRE-45/88

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍- ୨ ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ- S-5/454 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା **୩୧୦୧୩ ତା-୦୬.୧୨.୨୦୧୭** ରିଖ ଅନୁଯାୟୀ ଉତ୍ତରାଧିକାରୀ ସୁତ୍ରେ ମୃତ ଆବଣ୍ଟନଗ୍ରାହୀ ସବିତା ମହାନ୍ତିଙ୍କ ନାମରୁ (୧) ସୁଜାତା ମହାନ୍ତି (କନ୍ୟା) ଓ (୨) ଶୁଭଦ୍ରା ମହାନ୍ତି (କନ୍ୟା)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ସୁଜାତା ମହାନ୍ତି ପଞ୍ଜିକୃତ ନାଦାବି ପତ୍ର (Registered deed or Relinquishment No.1131710111 dated 08.12.2017 & Document No. 11131709519 dated 11.12.2017) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ ଶୁଭଦ୍ରା ମହାନ୍ତିଙ୍କୁ ହସ୍ତାନ୍ତର କରିଅଛନ୍ତି। ସୁତରାଂ ଉକ୍ତ ପ୍ଲଟ୍‌ଟି ଶୁଭଦ୍ରା ମହାନ୍ତିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0555/2324

# କ୍ରିକେଟ୍ ମାନଚିତ୍ରରୁ ହଜିଯାଉଛି ଓଡ଼ିଶା

## ସଫଳ ହୋଇପାରିଲାନି ଓସିଏର ଭିଜନ୍ ୨୦୨୪

**ଭୁବନେଶ୍ୱର**

ଦେଶରେ କ୍ରିକେଟ ସବୁଠାରୁ ଲୋକପ୍ରିୟ, ପସନ୍ଦଯୋଗ୍ୟ, ପ୍ରତିଷ୍ଠା ଅର୍ଜନର ସର୍ବୋଚ୍ଚ ମାଧ୍ୟମର ଖେଳ ଭାରତୀୟ କ୍ରିକେଟ୍ ଯେଉଁ ସଫଳତାର ଶୀର୍ଷ ଛୁଇଁଛି ତାହା ବିଶ୍ୱ କ୍ରିକେଟ୍ ପାଇଁ ବି ଈର୍ଷଣୀୟ ରହିଛି। ଏହି ସଫଳତାକୁ କେବଳ ବିଶ୍ୱକପ୍ ସଫଳତା ବିଫଳତାରେ ମାପି ହେବନାହିଁ। ବିଶ୍ୱ କ୍ରିକେଟ ବଜାରରେ ଭାରତର ପ୍ରାଧାନ୍ୟ ଓ ବିସିସିଆଇ ବିଶ୍ୱର ଧନୀ କ୍ରୀଡ଼ା ଅନୁଷ୍ଠାନ ଭାବେ ପରିଚିତ ହେବା ହିଁ ନିରନ୍ତର ଭାବେ ଭାରତୀୟ ଅର୍ଥନୀତିକୁ ଯୋଗଦାନ ଦେଇଚାଲିଛି। କିନ୍ତୁ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଭାରତୀୟ କ୍ରିକେଟ ମାନଚିତ୍ରରେ ଓଡ଼ିଶାକୁ ଖୋଜିଲେ ଏହା ଏକ ପ୍ରକାର ଅଦୃଶ୍ୟ ଲାଗେ। ଓଡ଼ିଶାର କ୍ରିକେଟ ଖେଳାଳି ଓ ଖେଳର ସ୍ଥିତି ନେଇ ଏ ଲେଖକ ଅନେକ ଆଲୋଚନା, ଆଲେଖ୍ୟ ଓ ଅଭିବ୍ୟକ୍ତି ରଖିଛି। କିନ୍ତୁ ଦଶନ୍ଧି ପରେ ଦଶନ୍ଧି ବିତିଛି ସେହି ଗତାନୁଗତିକ ବିଫଳତା ଧାରାଠାରୁ ଓଡ଼ିଶା ଆଗକୁ ବଢ଼ି ପାରିନାହିଁ, ବଢ଼ି ପାରୁନାହିଁ କି ବଢ଼ି ପାରିବାର ବିଶ୍ୱାସ ବି ଦେଉନାହିଁ।

ଓଡ଼ିଶାର ଅଧିକାଂଶ କ୍ରିକେଟପ୍ରେମୀ ତଥା କ୍ରିକେଟ ଅନୁରାଗୀ କ୍ରୀଡ଼ାପ୍ରେମୀଙ୍କ ଦୁଃଖ ଓ ଅବସୋସ ଭାରତୀୟ ଦଳରେ କାହିଁକି ଆଉ ଖେଳୁନାହାନ୍ତି ଓଡ଼ିଆ। ଏହି ପ୍ରଶ୍ନ ସ୍ୱତଃ ଗୁଞ୍ଜରି ଉଠୁଛି ଗାଁଠୁ ସହର ଯାଏଁ। କାରଣ କ୍ରିକେଟ୍ ପାଗଳ ଦେଶର ପ୍ରତିଟି ନାଗରିକ, ଜଣେ ଜଣେ କ୍ରିକେଟ ବିଶାରଦ ସେମାନେ ଏହି ଖେଳକୁ ପ୍ରଥମେ ଅନ୍ୟ ଖେଳକୁ ପଛରେ ପିଛା କରିଥାନ୍ତି। ନିଜ ରାଜ୍ୟର ଖେଳାଳିଟିଏକୁ ବର୍ଷ ବର୍ଷ ଯାଏଁ ଜାତୀୟ ଦଳରେ ନ ଦେଖିଲେ ସେମାନଙ୍କ ମନ ଆନ୍ଦୋଳିତ ହୋଇଉଠେ। ଓଡ଼ିଶାରେ ଯେ କ୍ରିକେଟ ପ୍ରତିଭାର ଅଭାବ




ରହିଛି ତା ନୁହେଁ ବୋଲି ବହୁ କ୍ରିକେଟ୍ ପଣ୍ଡିତମାନେ କହି ସାରିଛନ୍ତି। କେବଳ ସେମାନଙ୍କୁ ଗଢ଼ିତୋଳିବା, ପ୍ରବର୍ତ୍ତାଇବା, ପ୍ରେରିତ ଓ ପ୍ରୋତ୍ସାହିତ କରିବା, ଦିଗ୍‌ଦର୍ଶନ ଯୋଗାଇ ବଡ଼ ସ୍ୱପ୍ନ ଦେଖାଇବାର ଦାୟିତ୍ୱ ନେଉଥିବା ବ୍ୟକ୍ତିମାନେ କ୍ରୀଡ଼ା ପ୍ରଶାସକ ଓ ସଂଘ ସେମାନଙ୍କ ଦାୟିତ୍ୱ ତୁଲାଇବାରେ ଚରମ ଅବହେଳା କରୁଛନ୍ତି। ଏହା କୁହାଯାଇପାରିବ ଖେଳାଳିମାନଙ୍କୁ ସବୁ ସୁବିଧା ଓ ସୁଯୋଗ ଦେଲେ ବି ସେମାନେ ପ୍ରଭାବୀ ପ୍ରଦର୍ଶନ ଦେଉନଥିବାରୁ ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସୁନାହାନ୍ତି ବୋଲି ଅଧିକାଂଶ କ୍ରୀଡ଼ା ପ୍ରଶାସକ ଓ ସାଧାରଣ କ୍ରୀଡ଼ା ପ୍ରଶଂସକ ବିଶ୍ୱାସ କରନ୍ତି ଏବଂ ଏଭିଳ ମର୍ମରେ ବି ସେମାନେ ଅଭିଯୋଗ କରିଥାନ୍ତି। ଏହା ନିଛକ ସତ କଥା ହେଲେ ବି ଏଥି ପାଇଁ ଆବଶ୍ୟକ ପଡୁଥିବା ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ ନକରିବାର ଫଳ ଓ ଦୋଷ ନିଶ୍ଚିତ ବରଣ କରୁଛନ୍ତି ସଂଘ ଓ ଏହାର ପଦାଧିକାରୀ। ବର୍ଷ ବର୍ଷ ଧରି ଓଡ଼ିଶା କ୍ରିକେଟ ଜାତୀୟ ସ୍ତରରେ ଅନାଲୋଚିତ ରହିବା ଫଳରେ ୨୦୧୯ରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ନୂଆ କର୍ମକର୍ତ୍ତା ଆରମ୍ଭ କରିଥିଲେ ଓସିଏ ଭିଜନ୍ ୨୦୨୪। ଏବେ ସେହି ବହୁ ପ୍ରତୀକ୍ଷିତ ବର୍ଷ ପାଦ ଥାପିଛି। ଏହି ଭିଜନ୍ ଦିଗରେ ଓସିଏ କେତେ ଅଗ୍ରସର ହୋଇଛି ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି ନା ନାହିଁ, ପର୍ଯ୍ୟାଲୋଚନାର ବେଳ ଆସିଛି। ଆଖି ବୁଜି କହିପାରିବେ ଏହି ଯୋଜନା ଦୃଷ୍ଟିହୀନ ଥିବାରୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରିବର୍ତ୍ତେ ବିଗହରା ହୋଇଯାଇଛି। ଫଳରେ ଓଡ଼ିଶା କ୍ରିକେଟ୍‌ରେ ସ୍ଥିତାବସ୍ଥା ବଜାୟ ରହିଛି। ଯଥା ପୂର୍ବଂ ତଥା ପରଂ ସ୍ଥିତି ବର୍ଷ ପରେ ସୁରକ୍ଷିତ ରହିଛି।

ବ୍ୟକ୍ତିଗତ ଭାବେ ହେଉ କି ଦଳଗତ ଭାବେ ହେଉ ଓଡ଼ିଶା କ୍ରିକେଟ କାହିଁକି ଆଗକୁ ବଢ଼ିପାରିନାହିଁ। କେବଳ ଖେଳାଳିଙ୍କୁ ଦୋଷ ଦେବା ସବୁବେଳେ ସହଜ ଖସିଯିବାର ବାଟ ହୋଇପାରେ। ଖେଳାଳିଙ୍କୁ ଆମେ ଲମ୍ବା ସମୟ ପାଇଁ ସୁଯୋଗ ଦେଇନାହୁଁ। ପ୍ରତିଭାବାନ ଖେଳାଳିଙ୍କୁ ଠିକଣା ସମୟରେ ବାଛି ନାହୁଁ, ନିଜ ପିଲାକୁ ପାଳିବା ଭଳି ଗଢ଼ି ତୋଳି ନାହୁଁ। ଫଳ ସେହି ତୁଳନାରେ ପାଇଛୁ। ବଢୁ ବଢୁ ବଢ଼ିଛନ୍ତି ସେମାନେ, ଗଢୁ ଗଢୁ ଗଢ଼ି ହୋଇଛନ୍ତି। ସେମାନେ ନିଜସ୍ୱ ପ୍ରୟାସରେ ସେଭଳି ଉପରକୁ ଉଠିଥିଲେ। ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଂଜୟ ରାଉଳ, ମାଧୁରୀ ମେହେଟ୍ଟା, ରସନାରା ପରବିନ, ସ୍ୱାଗତିକା ରଥ ଏହି ୬ ଜଣଙ୍କ ନାମକୁ ଘୋଷି ହେଉଛି ଓଡ଼ିଶା ଅନ୍ତର୍ଜାତୀୟ ଖେଳିଥିବାରୁ। ଏମାନଙ୍କ ଛଡ଼ା ପ୍ରଜ୍ଞାନ ଓଝା, କଲ୍ୟାଣୀ ପରିଡ଼ା ବି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଛନ୍ତି। ରାଜ୍ୟ ବାହାର ପ୍ରତିନିଧିତ୍ୱ ଆଧାରରେ ଜାତୀୟ ଦଳରେ ଓଡ଼ିଶାର ପୁରୁଷ କ୍ରିକେଟରଙ୍କ ଶେଷ ପ୍ରତିନିଧିତ୍ୱକୁ ଦୁଇ ଦଶନ୍ଧୀ ଏବଂ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୋଟିଏ ଦଶନ୍ଧୀ ବିତିଗଲାଣି। ଏହା ତ ଓଡ଼ିଶା ଖେଳାଳିଙ୍କ ସଫଳତାର ସର୍ବୋଚ୍ଚ ମାପକାଠି। ଭାରତ ଏ, ବୋର୍ଡ ସଭାପତି ଏକାଦଶ, ଚଲେଞ୍ଜର୍ସ ଟ୍ରଫି ସହିତ ଅନେକ କନିଷ୍ଠ ବର୍ଗର ପ୍ରତିଯୋଗିତା ଗୁଡ଼ିକରେ ବି ଓଡ଼ିଶା ଖେଳାଳିଙ୍କ ଚିହ୍ନ ବର୍ଣ୍ଣ ମିଳୁନାହିଁ। ମହିଳା ଦଳରେ ସାମାନ୍ୟ ଉନ୍ନତ ସ୍ଥିତି ଥିଲେ ବି ତାହା ସୀମିତ ରହିଛି। ଆଇପିଏଲ୍‌ର ସମସ୍ତ ୧୦ ଦଳକୁ ମିଶାଇ ଭାରତରେ ପ୍ରତିବର୍ଷ ପ୍ରାୟ ୫୦୦ ପାଖାପାଖି ଖେଳାଳି ବିଭିନ୍ନ ଭାବେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିକୁ ଆସୁଛନ୍ତି, ଜଣେ ହେଲେ ଓଡ଼ିଆ ନୁହେଁ। ଓଡ଼ିଶା ଖେଳାଳିଙ୍କ ପାଖରେ ସଙ୍କଳ୍ପ, ଜିଦ୍‌ଖୋର ମନୋଭାବ, ଅଳ୍ପରେ ସନ୍ତୁଷ୍ଟର ଆଚରଣକୁ ଦୋଷ ଦେଇହେବ। କିନ୍ତୁ ଏହି ବିଚାରଧାରାରୁ ବାହାରିବାକୁ ବାଟ କିଏ ଖୋଲିବ ଚିନ୍ତା କରିବାର ବେଳ ଗଡ଼ିଗଲାଣି। ଖେଳାଳିଙ୍କୁ ପ୍ରଚୁର ରନ୍ ସଂଗ୍ରହ, ଅଜସ୍ର ୱିକେଟ ଦଖଲ ଓ ଆଇପିଏଲ୍ ଖେଳିବାକୁ ଅଲଟ୍ରା ଫିଟନେସ୍ ବଜାୟ ରଖିବାର ଆବଶ୍ୟକତା ରହିଛି, କିନ୍ତୁ ଏଭଳି ବଡ଼ ସ୍ୱପ୍ନ ଦେଖାଇବ କିଏ ?

ତୃଣମୂଳସ୍ତରରୁ ଖେଳାଳି ଗଢ଼ିବା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇଥାଏ। ଓସିଏ ଭିଜନ୍ ୨୦୨୪ରେ ସେଭଳି କଥାର ଆଭାସ ମିଳୁଥିଲା। ଖେଳାଳିଙ୍କ ପଞ୍ଜୀକରଣ, କ୍ଲବ୍ ସଂସ୍କୃତିକୁ ଉତ୍ସାହିତ କରିବା, ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଆଧାରରେ ଜିଲ୍ଲା ଦଳ ଏବଂ ଜିଲ୍ଲା ପ୍ରଦର୍ଶନ ଆଧାରରେ ରାଜ୍ୟ ଦଳ ବଛାଯିବ ବୋଲି ପ୍ରତିଶ୍ରୁତି ରହିଥିଲା। କିନ୍ତୁ ସବୁ ଯେ ଫସର ଫାଟିଛି। ଏହି ୫ ବର୍ଷର ପ୍ରଦର୍ଶନରୁ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି ରାଜ୍ୟ ଦଳର ପ୍ରଦର୍ଶନରେ ଖେଳାଳି ଚୟନରେ ସ୍ୱଚ୍ଛତାଠାରୁ ଆରମ୍ଭ କରି ରାଜ୍ୟ ବାହାର ପ୍ରଶିକ୍ଷକ ଆସିଛନ୍ତି, ବାରବାଟୀ ଷ୍ଟାଡିୟମ୍‌ର ନବକଳେବର ପାଇଁ ଖସଡ଼ା ପ୍ରସ୍ତୁତ ହେଉଛି। କିନ୍ତୁ ମୂଳ ଲକ୍ଷ୍ୟଠାରୁ ଓସିଏ ଦୂରେଇ ଯାଇଛି। ଓସିଏର ଭିଜନ୍ ୨୦୨୪ କେତେ ସଫଳ ବୋଲି ପ୍ରଶ୍ନ ହେବାରୁ ଏହାର ସିଇଓ ତଥା ପୂର୍ବତନ କ୍ରିକେଟର୍ ସୁବ୍ରତ ବେହେରା ତୁରନ୍ତ କିଛି କହିବା ସ୍ଥିତିରେ ନଥିବା କହି ଏଡ଼ାଇଯାଇଛନ୍ତି।





# ନବଜାତ ଶିଶୁର ଶରୀରରୁ ବିରଳ ଟ୍ୟୁମରକୁ ଅସ୍ତ୍ରୋପଚାର ଜରିଆରେ ଅଲଗା କଲେ ସମ୍ ସର୍ଜନ୍

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ନବଜାତ ଶିଶୁର ଶରୀରର ନିମ୍ନ ଭାଗରେ ଯୋଡ଼ିହୋଇ ରହିଥିବା ମୁଣ୍ଡ ଆକୃତିର ଟ୍ୟୁମରକୁ ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ଅଲଗା କରି ଶିଶୁକୁ ନୂଆ ଜୀବନ ଦେଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ସର୍ଜନ୍।



ଖୋର୍ଦ୍ଧା ଅଞ୍ଚଳର ଜନୈକ ଦମ୍ପତିଙ୍କର ଶିଶୁ ପୁତ୍ର ଜନ୍ମ ହେବା ସମୟରେ ତା'ର ମଳଦ୍ୱାର ନିକଟରେ ଏକ ମୁଣ୍ଡ ଆକୃତିର ଟ୍ୟୁମର ଯୋଡ଼ି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏହି ଟ୍ୟୁମର ଅର୍ଥାତ୍ ମାଂସପିଣ୍ଡୁଳାଟି ମୁଣ୍ଡ ସଦୃଶ ହୋଇଥିବା ବେଳେ ସେଥିରେ ଚର୍ମ, କାନ ଓ କେଶ ମଧ୍ୟ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଏଭଳି ଅବସ୍ଥା ଦେଖି ଶିଶୁପୁତ୍ରର ପରିବାର ତାକୁ ସମ୍ ହସ୍ପିଟାଲ୍‌କୁ ଆଣି ଭର୍ତ୍ତି କରାଇଥିଲେ। ନବଜାତ ଶିଶୁରୋଗ ବିଭାଗର ଡାକ୍ତର ପ୍ରଥମେ ଶିଶୁଟିର ପରୀକ୍ଷା ନିରୀକ୍ଷା କରିଥିବା ବେଳେ ପରବର୍ତ୍ତୀ ସମୟରେ ଶିଶୁଶଲ୍ୟ ଡାକ୍ତର ଅସ୍ତ୍ରୋପଚାର ମାଧ୍ୟମରେ ଏହି ଟ୍ୟୁମରଟିକୁ କାଢ଼ିବାର ନିଷ୍ପତ୍ତି ନେଇଥିଲେ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ତଥା ସମ୍ ହସ୍ପିଟାଲ୍‌ର ଶିଶୁଶଲ୍ୟ ବିଭାଗର ବରିଷ୍ଠ ଖ୍ୟାତିସମ୍ପନ୍ନ ନ୍ୟୁରୋ ସର୍ଜନ୍ ପ୍ରଫେସର ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶିଶୁଟି ଭର୍ତ୍ତି ହେବାର ୪ ଦିନ ମଧ୍ୟରେ ଅସ୍ତ୍ରୋପଚାର କରାଯାଇଥିଲା।

ଏହା ଏକ ବିରଳ ଅସ୍ତ୍ରୋପଚାର ଓ ଏଭଳି ସମସ୍ୟାକୁ ଡାକ୍ତରୀ ଭାଷାରେ ଜାଏଣ୍ଟ ସାକ୍ରୋକକିଜିଏଲ୍ ଟେରାଟୋମା କୁହାଯାଏ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଏହା ଏକ ଜନ୍ମଗତ ତ୍ରୁଟି। ମା' ଗର୍ଭବତୀ ହେବାର ୧୫ ରୁ ୩୦ ଦିନ ମଧ୍ୟରେ ଶିଶୁର ଶରୀରରେ ପ୍ରଥମେ ଏକ ଟ୍ୟୁବ୍ ଆକାରର ମେରୁଦଣ୍ଡ ସୃଷ୍ଟି ହୋଇଥାଏ ଯାହାକୁ ନ୍ୟୁରାଲ ଟ୍ୟୁବ କୁହାଯାଏ। ଏହି ନ୍ୟୁରାଲ ଟ୍ୟୁବ୍‌ରେ ଯଦି ମସ୍ତିଷ୍କ, ମାଂସପେଶୀ ଓ ହାଡ଼ର ଟିସ୍ୟୁ ଏକାଠି ହୋଇଯାଏ ଏଭଳି ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଏହି ଶିଶୁଟିର ଶରୀରରେ ସୃଷ୍ଟି ହୋଇଥିବା ଟ୍ୟୁମରର ଆକାର ୩୫ ସେମି ଓ ଓଜନ ଏକ କେଜି ଥିଲା ବୋଲି ସେ କହିଛନ୍ତି।

ଏହି ଜଟିଳ ଅପରେସନ୍ ନିମନ୍ତେ ପ୍ରାୟ ଦୁଇରୁ ତିନି ଘଣ୍ଟା ସମୟ ଲାଗିଥିଲା ବୋଲି ସମ୍ ହସ୍ପିଟାଲ୍‌ର ନ୍ୟୁରୋ ସର୍ଜରୀ ବିଭାଗର ପ୍ରଫେସର ସୌଭାଗ୍ୟ ପାଣିଗ୍ରାହୀ କହିଛନ୍ତି। ବିଏସ୍‌କେୱାଇ ଯୋଜନା ମାଧ୍ୟମରେ ଏହି ଅସ୍ତ୍ରୋପଚାର କରାଯାଇଥିବା ସେ ଜଣାଇଛନ୍ତି।

ସେହିପରି ସମ୍‌ର ନ୍ୟୁରୋ ସର୍ଜରୀ ବିଭାଗର ପ୍ରଫେସର ରାମଚନ୍ଦ୍ର ଦେଓ କହିଥିଲେ ଯେ ନବଜାତ ଶିଶୁରୋଗ ବିଭାଗର ଆଇସିୟୁ ଓ ନିଶ୍ଚେତକ ଟିମ୍‌ଙ୍କର ଏହି ଅସ୍ତ୍ରୋପଚାରକୁ ସଫଳ କରିବାରେ ଅନେକ ସହଯୋଗ ରହିଥିଲା।

ଏହି ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦେବା ନିମନ୍ତେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚେତକ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ପ୍ରେରଣା ବିଶ୍ୱାଳ ଉପସ୍ଥିତ ଥିଲେ।

ଶିଶୁର ଅସ୍ତ୍ରୋପଚାର ପରେ ସମ୍ ହସ୍ପିଟାଲ୍‌ର ଡାକ୍ତରଙ୍କୁ ତା'ର ପିତାମାତା କୃତଜ୍ଞତା ଜଣାଇଛନ୍ତି ।

# ୭ରେ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ କାଦମ୍ବିନୀ ପତ୍ରିକା ହାଟ

# ମୃଦୁଲା ଗର୍ଗ ପାଇବେ ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ କାଦମ୍ବିନୀ ପତ୍ରିକା ହାଟ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଆରା ସାହିତ୍ୟ ମହୋତ୍ସବରେ ମର୍ଯ୍ୟାଦାଜନକ ନୀଳିମାରାଣୀ ସାହିତ୍ୟ ସମ୍ମାନ, କାଦମ୍ବିନୀ ସାହିତ୍ୟ ସମ୍ମାନ ସମେତ ଅନ୍ୟାନ୍ୟ ସମ୍ମାନ ପ୍ରଦାନ କରାଯିବ। ବିଶିଷ୍ଟ ଲେଖିକା ମୃଦୁଲା ଗର୍ଗଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪ ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ କଥାକାର, ପ୍ରାବନ୍ଧିକ ଓ ସ୍ତମ୍ଭକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪, ସୁଲେଖାର ସମ୍ପାଦକ ସଦାଶିବ ମିଶ୍ର ଏବଂ ଗୋଧୂଳିର ସମ୍ପାଦିକା ବିମଳା ସିଂହଙ୍କୁ କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୪ ପ୍ରଦାନ କରାଯିବା ସହ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪ରେ ସମ୍ବର୍ଦ୍ଧିତ କରାଯିବ। ପ୍ରଖ୍ୟାତ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବେ।

କାଦମ୍ବିନୀ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ଭାରତୀୟ ଲେଖିକା ଅନୀତା ଅଗ୍ନିହୋତ୍ରୀ, ବିଶିଷ୍ଟ ଭାରତୀୟ କବି ଓ ସମ୍ପାଦକ ସୁବୋଧ ସରକାର, ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ ଏବଂ ଲୋକପ୍ରିୟ ଅଭିନେତା ଅଭୟ ବର୍ମା ପ୍ରମୁଖ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ଯୁବ ସାହିତ୍ୟ ସମ୍ମିଳନୀରେ ଅଜୟ ସ୍ୱାଇଁ, ମିହିର କୁମାର ସାହୁ, ଚିରଶ୍ରୀ ଇନ୍ଦ୍ରସିଂ ଓ ପଞ୍ଚାନନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏଥିରେ ସଭା ସଞ୍ଚାଳନ କରିବେ ବିଭାବତୀ ଦାଶ ଓ କୈଳାସ ବେହେରା। ଆଲୋଚକ ଭାବରେ ଯୋଗଦେବେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର ଓ ସଂଜୟ ପଣ୍ଡା ଏବଂ ଯୁବକବି ଆଶିଷ କୁମାର ମିଶ୍ର, ସ୍ୱାଗତିକା ନାୟକ ଓ ଶୁଭଦ୍ରା ପ୍ରିୟଦର୍ଶିନୀ ନାୟକ। ଏହି ଅବସରରେ ପ୍ରଜ୍ଞା ପାରମିତା ରଥ, ମିୟୋଗ ରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ କାଦମ୍ବିନୀ ନବଉନ୍ମେଷ ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା କବି ଓ କବିତା କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେବେ କବି ସୁବୋଧ ସରକାର, କବି ପ୍ରବାସିନୀ ମହାକୁଡ଼ ଓ କବି ଅପର୍ଣ୍ଣା ମହାନ୍ତି। ଏଥିରେ ନିମନ୍ତ୍ରିତ କବିମାନେ କବିତା ପାଠ କରିବେ। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ହେବାକୁ ଥିବା ଶିଶୁ ସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ଏବଂ ବାବା ରାମନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ସମେତ କୁନିକଥା କୁନିପ୍ରତିଭା ପୁରସ୍କାର ପ୍ରଦାନ କରାଯିବ। ଏହି ଏକଦିବସୀୟ ସାହିତ୍ୟ ମହାକୁମ୍ଭରେ ଭାଷା, କଳା, ସଂସ୍କୃତି ଓ ସାହିତ୍ୟପ୍ରେମୀ ଜନସାଧାରଣ ଯୋଗଦେବା ପାଇଁ କାଦମ୍ବିନୀର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ. ଇତି ସାମନ୍ତ ଅନୁରୋଧ କରିଛନ୍ତି।

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା
ଆଦ୍ୟଶ୍ରୀ
ପ୍ରିୟ ପାରିବାରିକ ବନ୍ଧନ
ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

# ଏଫ୍.ଏମ ବିଶ୍ୱବିଦ୍ୟାଳୟର ପରିବେଶକୁ ବୃକ୍ଷ ଉପହାର

**ବାଲେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗରେ ୟୁ.କୋ ବ୍ୟାଙ୍କର ୮୨ତମ ଫାଉଣ୍ଡେସନ ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଏକ ଫଳବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ନିକଟସ୍ଥ ଫଳବଗିଚାରେ ପଚାଶ ଗୋଟି ପଣସ ଓ ଲିଚୁଫଳ ଗଛ ଲଗାଯାଇଛି। ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ୟୁକୋ ବ୍ୟାଙ୍କର ବାଲେଶ୍ୱର ଜୋନାଲ ମୁଖ୍ୟ ସୁଦୀପ ଡାକୁଆ, ଡେପୁଟୀ ଜୋନାଲ ମୁଖ୍ୟ ନିଶିକାନ୍ତ ସିଂ, ମୁଖ୍ୟ ପରିଚାଳକ ପ୍ରଦୀପ କୁମାର, ନୂଆପାଢ଼ୀ ଶାଖା ପରିଚାଳକ ସାବିତ୍ରୀ ଚକ୍ର ଓ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କ ଉପସ୍ଥିତ ହୋଇ ଫଳଚାରା ରୋପଣ କରିଥିଲେ। ନିକଟ ଅତୀତରେ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଫଳଚାରା ରୋପଣ ହୋଇଥିଲା। ପରିବେଶ ସୁରକ୍ଷା ଓ ସଂରକ୍ଷଣ ସମସ୍ତଙ୍କର ଏକ ମୂଳ ଦାୟିତ୍ୱ ହେବା ସହ ବୃକ୍ଷ ଗୁଡିକର ଯତ୍ନ ନେବା ଆବଶ୍ୟକ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଏନଏସଏସ ବିଭାଗର ମୁଖ୍ୟ ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂପାଦିତ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ମଧ୍ୟ ବୃକ୍ଷରୋପଣରେ ଉପସ୍ଥିତ ହୋଇ ସହଯୋଗ କରିଥିଲେ।




# ନିଲାମ ହେବ ଅର୍ଥତତ୍ତ୍ୱ ସମ୍ପତ୍ତି : ୧୧୦ ଏକର ଜମି, ୧୧ଟି ଗାଡ଼ି : ୨ କୋଟି ୧୭ ଲକ୍ଷ ବ୍ୟାଙ୍କ ଜମା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବଣ୍ଟାଯିବ

**କଟକ,ନ୍ୟୁଜ୍‌ବ୍ୟୁରୋ**

ଅର୍ଥତତ୍ତ୍ୱ ଗ୍ରୁପ ଅଫ୍ କମ୍ପାନୀ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବା ସହିତ ନିଲାମ ହେବ। ଚିଟ୍‌ଫଣ୍ଡ ମାମଲାର ଶୁଣାଣି ଲାଗି ଗଠିତ କଟକ ସ୍ୱତନ୍ତ୍ର ଅଦାଲତ (ଡେଜିଗ୍‌ନେଟେଡ୍ କୋର୍ଟ) ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ନିଲାମଲବ୍ଧ ଅର୍ଥ ଏହି ସଂସ୍ଥାର କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଅର୍ଥତତ୍ତ୍ୱ ସଂସ୍ଥାର ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଗଞ୍ଜାମ (ଛତ୍ରପୁର), ବାଲେଶ୍ୱର (ରେମୁଣା) ଓ ଅନ୍ୟ ସ୍ଥାନରେ ଥିବା ୧୧୦ ଏକର ଜମି, ୧୧ଟି ଦାମି ଗାଡ଼ି, ୯ଟି ବ୍ୟାଙ୍କରେ ଥିବା ୨ କୋଟି ୧୭ ଲକ୍ଷ ୨୦ ହଜାର ୬୪୪ ଟଙ୍କା ବାଜ୍ୟାପ୍ତି କରାଯାଇ ସଂପୃକ୍ତ ଅର୍ଥକୁ ଏହି ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ। ମାମଲାର ବିବରଣୀରୁ ପ୍ରକାଶ ଯେ ଜମାକାରୀଙ୍କୁ ଠକିବା ନେଇ ଅର୍ଥତତ୍ତ୍ୱ ବିରୋଧରେ ଭୁବନେଶ୍ୱର ଖାରବେଳନଗର ଥାନାରେ ପ୍ରଥମେ ଏତଲା ରୁଜୁ ହୋଇଥିଲା। ବିଭିନ୍ନ ଯୋଜନାରେ ଜମାକାରୀଙ୍କ ନିକଟରୁ ଅର୍ଥତତ୍ତ୍ୱ ଟଙ୍କା ସଂଗ୍ରହ କରି ପ୍ରତିଶ୍ରୁତି ପାଳନ କରି ନଥିବା ଜମାକାରୀ ଅଭିଯୋଗ କରିଥିଲେ। ଏହାପରେ ସଂସ୍ଥାର ବିଭିନ୍ନ ଜିଲ୍ଲାରେ ଥିବା ଜମି, ଏମ୍‌ଡି, ଅନ୍ୟ ନିର୍ଦ୍ଦେଶକ ଓ କମ୍ପାନୀ ନାଁରେ ଥିବା ଦାମି ଗାଡ଼ି ପୁଲିସ ଜବତ କରିଥିଲା। ଏଥିସହିତ ୯ଟି ବ୍ୟାଙ୍କରେ କମ୍ପାନୀ, ଏମ୍‌ଡି, ନିର୍ଦ୍ଦେଶକ ଓ ପଦାଧିକାରୀଙ୍କ ନାଁରେ ଥିବା ୯୬ଟି ଖାତାକୁ ତଦନ୍ତକାରୀ ସଂସ୍ଥା ଜବତ କରିଥିଲା। ଏହି ମାମଲାର ତଦନ୍ତ କରି ପୁଲିସ ଅର୍ଥତତ୍ତ୍ୱ, ଏହାର ଏମଡି, ନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ୨୦୧୪ ପ୍ରାରମ୍ଭରେ ଅର୍ଥତତ୍ତ୍ୱ ଜବତ ସଂପତ୍ତି ପ୍ରସଙ୍ଗରେ ଓପିଆଇଡି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ ପାଇଁ କମିଶନରେଟ ପୁଲିସ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ୨୦୧୪, ଫେବ୍ରୁଆରୀ ୮ରେ ଜାରି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ (ଆଡ୍ ଇଣ୍ଟେରିମ୍ ଅର୍ଡର ଅଫ୍ ଆଟାଚମେଣ୍ଟ)ରେ ଅର୍ଥତତ୍ତ୍ୱ ସଂସ୍ଥାର ଜବତ ସ୍ଥାବର ଓ ଅସ୍ଥାବର ସଂପତ୍ତିର ପରିଚାଳନା ଭାର ପ୍ରାଧିକୃତ ଅଧିକାରୀ ତଥା କଟକ ଏଡିଏମ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଏହା ପରେ ପ୍ରାଧିକୃତ ଅଧିକାରୀ କଟକ ସ୍ୱତନ୍ତ୍ର ଅଦାଲତରେ ୨୦୧୪, ମାର୍ଚ୍ଚ ୧୪ରେ ଆବେଦନ କରିଥିଲେ। ମାମଲାରେ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ, ଅନ୍ୟ ନିର୍ଦ୍ଦେଶକ, ପଦାଧିକାରୀଙ୍କ ସମେତ ୬୬ଜଣ ପ୍ରତିପକ୍ଷ ରହିଥିଲେ। ମାମଲାର ଶୁଣାଣି ସମୟରେ ଆବେଦନକାରୀ ପ୍ରାଧିକୃତ ଅଧିକାରୀ ତଥା ତତ୍କାଳୀନ କଟକ ଏଡିଏମ ବିଭୁତି ଭୂଷଣ ଦାସ, ତଦନ୍ତକାରୀ ଅଧିକାରୀ ମନୋଜ କୁମାର ସାମନ୍ତ ଅଦାଲତରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବା ସହିତ ଦାଖଲ ହୋଇଥିବା ୧୩୪ଟି ବିଭିନ୍ନ ନଥିପତ୍ର ଚିହ୍ନଟ କରିଥିଲେ। ଏଥି ମଧ୍ୟରେ କବଲା, ଚୁକ୍ତିପତ୍ର, ଗାଡି ପଞ୍ଜୀକରଣ ନଥିପତ୍ର, ବ୍ୟାଙ୍କ ଖାତା ସଂପର୍କିତ ରେକର୍ଡ ଥିଲା। ସ୍ୱତନ୍ତ୍ର ଅଦାଲତ ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁବ୍ରତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିବା ବେଳେ ଅତିରିକ୍ତ ସ୍ୱତନ୍ତ୍ର ପିପି ବିଶ୍ୱଜିତ ମହାପାତ୍ର ସହାୟତା କରୁଥିଲେ।

# ବିକଶିତ ଭାରତ ସଂକଳ୍ପ ରଥକୁ ଭଙ୍ଗାରୁଜା : ୨ ଜଣ ଅଟକ

**ଧାମନଗର,ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଚୁଡ଼ାକୁଟି ଠାରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରଚାର ପାଇଁ ପରିଭ୍ରମଣ କରୁଥିବା ବିକଶିତ ଭାରତ ସଂକଳ୍ପ ରଥକୁ କେତେକ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ଧାମନଗର ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଘଟଣାରେ ପ୍ରଶାସନିକ ସ୍ଥାଣୁତା ପ୍ରତିବାଦରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଓ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀଙ୍କ ଉପସ୍ଥିତିରେ ଥାନା ପରିସରରେ ବିଜେପି କର୍ମୀମାନେ ତୁରନ୍ତ ଗିରଫ ପାଇଁ ଦାବି କରିଥିଲେ। ପରେ ବିଜେପି କର୍ମୀମାନେ ଧାମନଗର ଥାନାରେ ସମ୍ମୁଖରେ ରାସ୍ତାରୋକ କରିଥିଲେ। ପ୍ରକାଶ ଥାଉ କି ବୁଧବାର ଅପରାହ୍ନରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମର ଏକ ସଭା ଚୁଡାକୁଟି ମେଳଣ ପଡିଆରେ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞଙ୍କ ସମେତ ଅନେକ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ସଭା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କିତ ଭିଡ଼ିଓ ଏକ ସଜ୍ଜିତ ଗାଡ଼ିରେ ପ୍ରଦର୍ଶିତ ହେଉଥିଲା। ଏହି ସମୟରେ ଚାରିଜଣ ଯୁବକ ହଠାତ ସେଠାରେ ଗାଳିଗୁଲଜ କରିବା ସଙ୍ଗେସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଚିରି ଦେଇଥିଲେ। ଏମାନେ ସଂକଳ୍ପ ରଥ ଗାଡ଼ି ସହ ଏଲିଡିଟିକୁ ଭାଙ୍ଗି ଦେଇ ଥିଲେ। ଏହାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗଣ୍ଡଗୋଳ ଭିଆଇଥିବା ଦୁଇଜଣ ଯୁବକ ରଞ୍ଜିତ ସାମଲ, ଶ୍ରୀକାନ୍ତ ଦାସଙ୍କୁ ଥାନାକୁ ଆଣି ଅଟକ ରଖିଛି।। ତେବେ ସନ୍ଧ୍ୟାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୀମସେନ ସେନ ନାୟକ ଧାମନଗର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତ ବଳରାମ ଦାସ ଓ ବିକ୍ରମ ଦାସଙ୍କୁ ଗିରଫ ଦାବିରେ ସନ୍ଧ୍ୟା ୫ଟାରୁ ରାତି ୮ଟା ଯାଏ ରାସ୍ତାରୋକ ଜାରୀରହିଥିବା ବେଳେ ଜନସାଧାରଣ ଯାତାୟାତରେ ଘୋର ଅସୁବିଧାରେ ସମ୍ମୁଖୀନ ହୋଇଥିବାର ଦେଖିବାକୁ ମିଳିଥିଲା।

# ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସଚେତନତା ରଥ ଶୁଭାରମ୍ଭ

**ବୌଦ୍ଧ,ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟଅତିଥି ଓ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ସଚେତନତା କରୁଥିବା ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପ-ଜିଲ୍ଲାପାଳ ରବିନ୍ଦ୍ରନାଥ କହଁର, ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ତିନୋଟି ବ୍ଲକ ଓ ଅଞ୍ଚଳରେ ବୁଲି ଏଲଇଡି ମାଧ୍ୟମରେ ସଚେତନତା ବାର୍ତ୍ତାନେଇ ଲୋକଙ୍କୁ ସଚେତନ କରିବ। ସଚେତନତା ବାର୍ତ୍ତା ମଧ୍ୟରେ ମୋଟର ଯାନ ଦ୍ରୁତ ବେଗରେ ନ ଚଲାଇବାକୁ, ମୋଟର ସାଇକେଲ ଚଲାଇଲାବେଳେ ନିଜେ ହେଲମେଟ୍ ପିନ୍ଧିବାସହ ପଛରେ ବସିଥିବା ବ୍ୟକ୍ତିଙ୍କୁ ମଧ୍ୟ ହେଲମେଟ୍ ବ୍ୟବହାର, ନିଶା ସେବନ କରି ମୋଟର ଯାନ ନଚଲାଇବା, ମୋବାଇଲ ଫୋନ୍ ଗାଡି ଚଲାଇଲା ବେଳେ ବ୍ୟବହାର ନକରିବା, ୧୮ ବର୍ଷକୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଳାଇବାକୁ ନଦେବା, ଚାରିଚକିଆ ମୋଟର ଯାନରେ ଯାତ୍ରା ସମୟରେ ଚାଳକ ଓ ଯାତ୍ରୀମାନେ ସିଟ୍ ବେଲ୍ଟ ବାନ୍ଧିବା ପ୍ରମୁଖ ରହିଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଡଠାକୁରଙ୍କ ପରିକ୍ରମା...

ଓ କେମିତି ବ୍ରିଟିଶ ଅମଳରେ ଜାହାଜ ଚଳପ୍ରଚଳ କରୁଥିଲା ସେ ସମ୍ପର୍କରେ ବଖାଣିଥିଲେ। ତେବେ ତାଳଦଣ୍ଡା କେନାଲ ସଂକୁଚିତ ଓ ଦୂଷିତ ହୋଇ ରହିଥିବା ଯୋଗୁଁ ତାଙ୍କ ମନ ଭିତରେ କେଉଁଠି ନା କେଉଁଠି ଦୁଃଖ ଥିବା ଜଣାପଡୁଥିଲା । ତାଳଦଣ୍ଡା କେନାଲ ସଫା ହୋଇପାରିଲେ ସେ ବହୁତ ଖୁସୀ ହେବେ ବୋଲି ମଧ୍ୟ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଖିରେ ନିଜ ଜନ୍ମମାଟି କଟକ ପ୍ରତି ପ୍ରଚଣ୍ଡ ଭଲପାଇବା ସ୍ପଷ୍ଟ ବାରି ହୋଇପଡୁଥିଲା । ପହଞ୍ଚିବା ପରେ ତାଳଦଣ୍ଡା କେନାଲ ସଫା କରିବାକୁ ସ୍ଥାନୀୟ ନେତୃବୃନ୍ଦ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ଭିତରେ ତାଳଦଣ୍ଡା କେନାଲ ଏବେ ପ୍ୟାରିସ, ଭେନିସ ଭଳି ଲାଗୁଛି। ସେଠାରେ ରାତିରେ ବୋଟିଂ ଚାଲିଛି ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ। ବାଦାମବାଡ଼ି ବସଷ୍ଟାଣ୍ଡକୁ ନେତାଜୀ ବସ ଟର୍ମିନାଲ କରାଯାଇଛି । କଟକ ଚଣ୍ଡିମନ୍ଦିରର ରୂପାନ୍ତରଣ ଚାଲିଛି । ସାରା ରାଜ୍ୟରେ କଟକରେ ହିଁ ସବୁଠୁ ବେଶୀ ରୂପାନ୍ତରଣ କରାଯାଇଛି। ପ୍ରତି ପଞ୍ଚାୟତକୁ ଲକ୍ଷ୍ମୀ ଯୋଜନାରେ ସରକାରୀ ବସ ଗଡିବ ଏବଂ ୬ଟି ଜିଲ୍ଲାରେ ଲକ୍ଷ୍ମୀବସ ଗଡିଲାଣି । କଟକରେ ଫେବ୍ରୁଆରୀ ଶେଷ ସୁଦ୍ଧା ଯୋଜନାର ଶୁଭାରମ୍ଭ କରାଯିବ । ମହିଳା ଓ ଛାତ୍ରଛାତ୍ରୀମାନେ ମାତ୍ର ୫ଟଙ୍କାରେ ଲକ୍ଷ୍ମୀ ବସରେ ଯାତାୟତ କରିପାରିବେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବା ଲାଗି ଶ୍ରୀ ପାଣ୍ଡିଆନ ନିଜ ଦଳର ଛାତ୍ର ଓ ଯୁବ ସଂଗଠନକୁ ଆହ୍ୱାନ ଦେଇଥିଲେ । ଆମ ବ୍ୟାଙ୍କ ଯୋଜନାରେ କଟକ ଜିଲ୍ଲାର ସବୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ମିଳିବ । ୫-ଟିରେ ସମସ୍ତ ସ୍କୁଲ ଓ କଲେଜର ରୂପାନ୍ତରଣ କରାଯାଉଛି । ୮୦ ପ୍ରତିଶତ ଲୋକ ସରକାରୀ ସ୍କୁଲ ଉପରେ ନିର୍ଭର କରନ୍ତି ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ସଶକ୍ତ କରାଯାଉଛି ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ କହିଥିଲେ। କଟକ ଜିଲ୍ଲାରେ ବିଜେଡିର ସ୍ଥିତି ମଜବୁତ ରହିଛି । ଜିଲ୍ଲାର ସବୁ ନିର୍ବାଚନମଣ୍ଡଳିରେ ବିଜେଡି ଜିତିକି ଆସିବ। ୨୦୧୪ ଓ ୨୦୧୯ ନିର୍ବାଚନରେ କେଉଁ ନିର୍ବାଚନମଣ୍ଡଳୀରେ କେତେ ମାର୍ଜିନରେ ଜିତିଛନ୍ତି ତାହା ଜଣାଅଛି। ଏବେ ୨୦୨୪ରେ ରେକର୍ଡ ମାର୍ଜିନରେ ଜିତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ୫-ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି । ଯେଉଁ ବୁଥରେ ପୂର୍ବ ମାର୍ଜିନରୁ ଅଧିକ ଭୋଟ ଅର୍ଥାତ ୫୦ ପ୍ରତିଶତରୁ ଅଧିକ ଭୋଟ କରିକି ଦେଖାଇବେ ସେମାନଙ୍କୁ ନବୀନ ନିବାସ ଡକାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯିବ। ସେମାନଙ୍କ କାମ ମଧ୍ୟ ଜୋରଦାର ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଜିଲ୍ଲାରେ ବହୁ ବିକାଶମୂଳକ କାର୍ଯ୍ୟ ଚାଲିଛି । କିନ୍ତୁ ସେ କହୁଥିବା କାର୍ଯ୍ୟକ୍ରମଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆନ୍ତରିକତାର ସହ ସେ ସବୁର ସଠିକ ତଦାରଖ କଲେ ୧୦ ବର୍ଷ ଭିତରେ ସଶକ୍ତ ଓ ସମୃଦ୍ଧ ଓଡିଶା ଗଠନ ହେବ ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳ ପରେ ସହରାଞ୍ଚଳ ଲୋକ ଓ ସରକାରୀ କର୍ମଚାରୀ ପର୍ଯ୍ୟାୟକ୍ରମେ ବିଏସକେୱାଇ ନବୀନ କାର୍ଡ ପାଇବେ। କଟକ ବାଲିଯାତ୍ରା ଉପର ପଡ଼ିଆରେ ଏନେଇ ସୂଚନା ଦେଇଛନ୍ତି ଶ୍ରୀ ପାଣ୍ଡିଆନ। ଏବେ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ବିଏସକେୱାଇ ନବୀନ କାର୍ଡ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଶନିବାରଠୁ ଏଥିପାଇଁ ଅନଲାଇନରେ ପଞ୍ଜୀକରଣ କରାଯିବ। ଏହି ପଞ୍ଜିକରଣ ଚଳିତମାସ ୧୬ ତାରିଖ ଯାଏଁ ଚାଲିବ । ପ୍ରତି ପଞ୍ଚାୟତରେ ବାକି ରହିଥିବା ଲୋକଙ୍କୁ ଯୋଜନାରେ ସାମିଲ କରିବାକୁ ୫-ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି । ଏଥିପୂର୍ବରୁ କଟକ ବାଲିଯାତ୍ରା ତଳ ପଡିଆରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ନୂଆ ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସେ ସଫଳତାର ଗୁରୁମନ୍ତ୍ର ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି । ସଫଳତା ପାଇବାକୁ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢିବାର ଅଛି । ହେଲେ କେବଳ ଭଲ ପାଠ ପଢିଲେ ସଫଳତା ପାଇବେନି । ସଫଳତା ପାଇବାକୁ ହେଲେ ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିବାକୁ ପଡିବ । ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡିବ। ସେଥିଲାଗି ଏ ନୂଆ ଓ କାର୍ଯ୍ୟକ୍ରମ ବୋଲି କହିଛନ୍ତି ସେ କହିଛନ୍ତି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଭାର ବିକାଶ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ବିଜୟ ହେଲେ ଖୁସି ଲାଗିବ। ସେଥିଲାଗି ଅଂଶଗ୍ରହଣ କରିବାକୁ ପଡିବ। ସବୁଥିରେ ଅଂଶଗ୍ରହଣ କଲେ ବହୁତ ଜିନିଷ ଶିଖି ପାରିବେ। ଯାହା ଜୀବନରେ ଅନେକ କାର୍ଯ୍ୟରେ ଆସିବ। ଏହା ଆତ୍ମବିଶ୍ୱାସ ବଢାଇବ । ପ୍ରତିଯୋଗିତାକୁ ସାମନା କରିବାକୁ ହେଲେ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଛାତ୍ରଛାତ୍ରୀ ନିଜ ପାଇଁ ବିଶ୍ୱସ୍ତ ରୁହନ୍ତୁ । ପ୍ରତିଦିନ ୩୦ ମିନିଟ ଶରୀର ପାଇଁ ଧ୍ୟାନ ଦିଅନ୍ତୁ । ଶାରିରୀକ ବ୍ୟାୟାମ ସହ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ମଧ୍ୟ ଆବଶ୍ୟକ । ମାନସିକ ସ୍ୱାସ୍ଥ୍ୟ ପାଇଁ ଦିନକୁ ୧୫ ମିନିଟ ଧ୍ୟାନ କରନ୍ତୁ । ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ କଠିନ ପରିଶ୍ରମ ଆବଶ୍ୟକ। ଦିନରାତି ଯିଏ ଏକା କରି ଖଟିବ ସିଏ ଉପରକୁ ଯିବ। ସିଏ ସଫଳତା ହାସଲ କରିବ। ସଫଳତାର କାରଣ କଠିନ ପରିଶ୍ରମ, ଏହାର କୌଣସି ବିକଳ୍ପ ନାହିଁ ବୋଲି ସେ କହିଛନ୍ତି । ସଚିନ ତେନ୍ଦୁଲକର ଓ ଶାହାରୁଖ ଖାନଙ୍କ ଭଳି ସଫଳ ବ୍ୟକ୍ତିତ୍ୱମାନେ ମଧ୍ୟ ସଫଳତାର ଗୋଟିଏ ସୂତ୍ର- କଠିନ ପରିଶ୍ରମ ବୋଲି ତାଙ୍କୁ କହିଥିଲେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ଆତ୍ମବିଶ୍ୱାସ, କଠିନ ପରିଶ୍ରମ ପାଇଁ ସମସ୍ତେ ଲାଗି ପଡିବେ । ୫ ବର୍ଷ ପରିଶ୍ରମ କଲେ ୫୦ ବର୍ଷ ଖୁସିରେ ରହିବେ। ଆପଣମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଲେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଛନ୍ତି । କଟକ ବାଲିଯାତ୍ରା ତଳ ପଡିଆରେ କଟକ ଜିଲ୍ଲାର ୧୪୦ଟି କଲେଜରୁ ୧୮ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଠାରେ ଉପସ୍ଥିତ ଥିଲେ।

## ରାଜ୍ୟରେ...

ହଜାର ୩୧। ରାଜ୍ୟରେ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୩୩୮୦। ରାଜ୍ୟରେ ଯୁବ ଭୋଟର ଅର୍ଥାତ ୧୮-୧୯ବର୍ଷଙ୍କ ସଂଖ୍ୟା ହେଲା ୭ ଲକ୍ଷ ୫୪ ହଜାର ୯୪୬ ଜଣ, ଯାହାକି ବିଗତ ୫ ବର୍ଷରେ ସର୍ବାଧିକ ବା ୨.୨୭% । ମୋଟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଲା ୪ ଲକ୍ଷ ୫୭ ହଜାର ୮୨୧ ଜଣ ଅର୍ଥାତ ୧.୩୮% । ସେହିପରି ରାଜ୍ୟରେ ବରିଷ୍ଠ ଭୋଟର ଯାହାଙ୍କ ବୟସ ୮୦ ବର୍ଷରୁ ଅଧିକ ସେମାନଙ୍କ ସଂଖ୍ୟା ହେଲା ୬ ଲକ୍ଷ ୮୫ ହଜାର ୪୮ ଜଣ ଅର୍ଥାତ ୨.୦୬% । ନୂତନ ଭୋଟର ତାଲିକା ମଧ୍ୟରୁ ୧୮-୧୯ ବର୍ଷର ୪ ଲକ୍ଷ ୭୬ ହଜାର ୯୬୯ ଜଣ ଯୁବ ଭୋଟର ନୂତନ ଭୋଟର ତାଲିକାରେ ଯୋଡ଼ି ହୋଇଛନ୍ତି।

## ପ୍ରଗତିପଥ ସମଗ୍ର ଶିକ୍ଷା, ବୌଦ୍ଧ

- ମାଗଣା ପାଠ୍ୟପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ବିତରଣ ପୂର୍ବକ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ଅବଧାରଣର ସୁନିଶ୍ଚିତ କରିବା ନିମନ୍ତେ ପ୍ରସ୍ତୁତ।
- ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ନିବେଶୀ ଶିକ୍ଷା ମାଧ୍ୟମରେ ବିଭିନ୍ନ ପ୍ରକାର ଅବଶ୍ୟକୀୟ ସହେଯାଗୀ ଉପକରଣ, ଯାତାୟତ/ରକ୍ଷାଚର ବହନ କରାଯାଉଛି।
- ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷାପ୍ରଦାନ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିକଳ୍ପନା କରାଯାଇଛି ।
- କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ମାଧ୍ୟମରେ ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ ତଥା ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ ନିମନ୍ତେ ବ୍ୟବସ୍ଥା କରାଯାଇଛି ।
- ଛାତ୍ରୀମାନଙ୍କ ମାନସିକ ଓ ଶାରିରୀକ ବିକାଶ ନିମନ୍ତେ ଆତ୍ମରକ୍ଷା କୌଶଳ, ରାଣୀ ଲକ୍ଷ୍ମୀବାୟୀ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ କରାଯାଉଛି।
- ବିଦ୍ୟାଳୟରୁ ଶିକ୍ଷା ଲାଭ କରି ସମାଜରେ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିଥିବା କିମ୍ବା ବିଦ୍ୟାଳୟ ସହ ଆବେଗିକ ସମ୍ପର୍କ ଯେକୌଣସି ବ୍ୟକ୍ତି ଯେପରିକି ଛାତ୍ର/ଛାତ୍ରୀ, ଅଭିଭାବକ, ସାଧାରଣ ଜନତା, ସ୍ୱେଚ୍ଛାସେବୀ/ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ ଆଦିଙ୍କୁ ବିଦ୍ୟା ସହ ଓତଃପ୍ରୋତଃ ଭାବେ ଜଡ଼ିତ ନାଗରୀକ-ସରକାର ସହ ଭାଗିତାରେ ଶିକ୍ଷା ବ୍ୟବସ୍ଥାର ସାମୁହିକ ଉନ୍ନତି ଘଟାଇବା ଏହି ଅଭିଯାନର ଲକ୍ଷ୍ୟ ଉଦ୍ଦେଶ୍ୟ ।
- ବୌଦ୍ଧ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସମସ୍ତ (୭୧୬ ଟି) ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ/ ଉଚ୍ଚ ପ୍ରାଥମିକ/ ଉଚ୍ଚ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଅଛି ।
- ୫ଟି ରୂପାନ୍ତରଣ ଅନ୍ତର୍ଗତ ବୌଦ୍ଧ ଜିଲ୍ଲାର ୫୭ ଟି ଉଚ୍ଚ ବିଦ୍ୟାଳୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୯ ଟି ଉଚ୍ଚ ବିଦ୍ୟାଳୟ ୫ଟି ରୂପାନ୍ତରଣ ଅନ୍ତର୍ଗତ କାର୍ଯ୍ୟ ଚାଲୁ ରହିଛି ।

ସ୍ୱା-
ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ବୌଦ୍ଧ

**OFFICE OF THE NOTIFIEDAREA COUNCIL, BANPUR** C-2274
**E-PROCUREMENT NOTICE**
**Bid Reference No: E.O-N.A.C-BNR- 07/2023-24**
**Tender Call Notice No. 10 /Dt. 02.01.2024 /**

The Executive Officer on behalf of Banpur NAC invites percentage Bid through e-procurement in single cover system according to norm of e-procurement.

1. Type of Works : Civil construction works as in the D.T.C.N
2. Total No. of works : **20.**Nos.
3. Tender Amount Cost : **Rs.-1110044.00** to **Rs.2031157.00**
4. Period of Completion : 60 days
5. Date and time of availability of Bid Documents in the Portal : From **10.00** A.M. of Dt. **05.01.2024** to **5.00 P.M.** of Dt. 11.01.2024.
6. Date & Time of Opening of Tender : Dt 12.01.2024 at **11.00 A.M.**

Further amendments, corrigendum or other communication regarding this letter will be available only on https://www.tendersodisha.gov.in and will not be published in print media.

Sd/- Executive Officer
OIPR-13177/11/0019/2324 Banpur NAC

**PANCHAYAT SAMITI OFFICE, TALCHER** i-575
e-mail ID-ori-talcher@nic.in
**Quotation Call Notice**
**No.4030/Date.30.12.2023**

Quotation in sealed covers are invited from eligible and interested agencies for printing of 65000 Nos. of Booklets (one Booklet contains 4 sheets of A-4 size papers of containing 16 coloured Photos and description) for documentation in respect of 21 Nos.of G.Ps of Talcher Block. Further the Block Level 300 Nos. of Coloured Booklets containing 100 pages (Cover pages-300 GSM, inner page-130 GSM) in Odiya language will be printed.

The interested agencies can visit the District website of Angul District www.angul.nic.in to access the detail Quotation Call Notice. The last date of receipt of Quotation is Dt. 10.01.2024 before 5.30 P.M.

Sd/-Block Development Officer,
OIPR-19261/11/0001/2324 Talcher


**Government of Odisha "e" Procurement Notice** O-2124
**Bid Identification No.17 of 2023-24**

| | | |
|---|---|---|
| 1 | Number of Works : | 41 Nos. of Road works |
| 2 | Estimated Cost (Aprox.): | Rs.2.13toRs.37.86 lakh (Approx.) |
| 3 | Period of Completion : | Mentioned against NIT Table Col.06 |
| 4 | Date & Time of availability of Bid documents in the Portal : | 24/01/2024 at 11:00 hrs |
| 5 | Last date & time for receipt of Bids in the Portal : | 03/02/2024 at 15:00 hrs |
| 6 | Date of Opening of Tender : | 05/02/2024 at 16:00 hrs |
| 7 | Name and address of the Officer Inviting Bid : | Superintending Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in

Sd/- Superintending Engineer
Rural Works Division, Jagatsinghpur
OIPR-25056/11/0033/2324

ଭୁବନେଶ୍ୱର
୬ ଜାନୁଆରୀ
ଶନିବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24





କଟକ ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି । (ଫଟୋ : ସମ୍ବାଦକଳିକା)

# ସଚେତନତା ସୃଷ୍ଟି ଦିଗରେ ଲୋକକଳା ସବୁଠୁ ପ୍ରଭାବୀ ମାଧ୍ୟମ : ଶ୍ରୀ ପାଣ୍ଡିଆନ



**ଭୁବନେଶ୍ୱର,୫ା୧ :ନ୍ୟୁଜ୍‌ବ୍ୟୁରୋ**

ପାରମ୍ପରିକ ଲୋକକଳା ଓ ସଂସ୍କୃତି ହେଉଛି ଏକ ଜାତିର ଜୀବନ ଓ ଭବିଷ୍ୟତ । ସଚେତନତା ସୃଷ୍ଟି କରିବାରେ ଲୋକକଳା ଭଳି ପ୍ରଭାବୀ ମାଧ୍ୟମ ଅନ୍ୟ କୌଣସି ମାଧ୍ୟମରେ ନାହିଁ ବୋଲି ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ବ୍ଲକ୍ ଓ ଜିଲ୍ଲା ଲୋକକଳା ସଂସ୍କୃତି ସଂଘ ପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ସେ ଏହା କହିଛନ୍ତି । ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲୋକକଳା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ ପଡ଼ିବ । ଲୋକକଳା ବଞ୍ଚିବାକୁ ହେଲେ କଳାକାରମାନଙ୍କ ଉନ୍ନତି ହେବା ଉଚିତ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ଏଥି ନିମନ୍ତେ ସରକାର ଆସନ୍ତା ୩ରୁ ୪ ମାସ ମଧ୍ୟରେ କଳାକାରମାନଙ୍କୁ ଖୁସି ଖବର ଦେବେ ବୋଲି ସେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ କଳାପ୍ରେମୀ ହୋଇଥିବାରୁ କଳାକାରମାନଙ୍କ ଉନ୍ନତି ନିମନ୍ତେ ସେ ସର୍ବଦା ଗୁରୁତ୍ୱାରୋପ କରୁଥିବା କହିଥିଲେ । ମିଶନ ଶକ୍ତି ଯେପରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଅନୁରୂପ ଢାଞ୍ଚାରେ କଳାକାର ସଂଘକୁ ସଶକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ସେ କହିଥିଲେ । ସମସ୍ତ ସଂଘକୁ ୫-ଟି ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲକ୍ ଏବଂ ଜିଲ୍ଲାସ୍ତରୀୟ ସଂଘ କାର୍ଯ୍ୟାଳୟ ଖୋଲାଯିବ । ଓଡ଼ିଶାକୁ ଆଗେଇ ନେବା ସହ ସଶକ୍ତ ରାଜ୍ୟରେ ପରିଣତ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ । ନବୀନ ଓଡ଼ିଶା ଗଠନ ନିମନ୍ତେ କଳାକାରମାନଙ୍କ ଗୁରୁ ଭୂମିକା ଥିବା ସେ କହିଥିଲେ ।

ଗଞ୍ଜାମ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଏକ ଅଭିଜ୍ଞତାକୁ ଭିତ୍ତି କରି ଶ୍ରୀ ପାଣ୍ଡିଆନ୍ କହିଲେ ଯେ ପନ୍ଦର ବର୍ଷ ତଳେ ଗଞ୍ଜାମ ଜିଲ୍ଲାରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିଲା । ଏଥି ନିମନ୍ତେ ଲୋକକଳାର ଭୂମିକା ପ୍ରଶଂସନୀୟ ଥିଲା ଓ ଦୁଇବର୍ଷ ମଧ୍ୟରେ ଏହାର ସୁଫଳ ମିଳିଥିଲା ବୋଲି ସେ କହିଥିଲେ । ଲୋକକଳାର ପ୍ରଭାବୀ ସଚେତନତା ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖକୁ ତୃଣମୂଳ ସ୍ତରରେ ପହଞ୍ଚାଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ ।

# କିଟ୍‌ରେ ୪୦ତମ ସର୍ବଭାରତୀୟ ରୋଜ୍ କନଭେସନ ଓ ଗୋଲାପ ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୫ା୧ :ନ୍ୟୁଜ୍‌ବ୍ୟୁରୋ**








୪୦ତମ ସର୍ବଭାରତୀୟ ରୋଜ୍ କନଭେସନ ଓ ଗୋଲାପ ପ୍ରଦର୍ଶନୀ ଶୁକ୍ରବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଲାପ ହେଉଛି ସୁନ୍ଦର ଓ ଭଲ ପାଇବାର ପ୍ରତୀକ ବୋଲି କହିଥିଲେ । ଭଗବାନଙ୍କ ଦ୍ୱାରା ସୃଷ୍ଟ କିଟ୍ ଓ କିସ୍‌କୁ ମର୍ତ୍ତ୍ୟର ନନ୍ଦନକାନନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମ୍ମାନୀୟ ଅତିଥି ଭାବେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗ ଦେଇ କହିଲେ, କିଟ୍‌ରେ ବର୍ଷ ଆରମ୍ଭରୁ ରୋଜ୍ କନ୍‌ଭେନ୍‌ସନ ଓ ଗୋଲାପ ପ୍ରଦର୍ଶନୀ ଆୟୋଜିତ ହେବା ଆନନ୍ଦର ବିଷୟ । ଫୁଲ ସମସ୍ତଙ୍କ ମନ ମୋହିଥାଏ । ମନରେ ଦୁଃଖ ଆସିଲେ ଫୁଲ ବଗିଚାରେ ବୁଲି ଆସିଲେ ଶାନ୍ତି ମିଳିଥାଏ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆୟୋଜନ କମିଟିର କାର୍ଯ୍ୟକାରୀ ସଭାପତି ଡ. ସୁଦର୍ଶନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ରୋଜ ଫେଡେରେସନ୍‌ର ସଭାପତି ସଂଯୋଗିତା ଧନାତେ, ଉପସଭାପତି ଡ. ଏନ.କେ. ଡଡ୍‌ଲାନି, ଆୟୋଜନ କମିଟି ସମ୍ପାଦକ ହେମନ୍ତ କୁମାର ପଲ, ଉପସଭାପତି ବି.ଏନ. ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ରୋଜ୍ କନ୍‌ଭେସ୍‌ନ ଓ ଗୋଲାପ ପ୍ରଦର୍ଶନୀରେ ଓଡ଼ିଶାରୁ ନାଲ୍‌କୋ, ଟାଟା, ପାୱାରଗ୍ରିଡ୍, ଜିନ୍ଦଲ, ଆଦାନୀ, ରିଲାଏନ୍‌ସ ଆଦି କର୍ପୋରେଟ ହାଉସ ସମେତ ସମଗ୍ର ଦେଶରୁ କୃଷି ବୈଜ୍ଞାନିକ, ନର୍ସରୀମ୍ୟାନ, କୃଷକ ଏବଂ ଉଦ୍ୟୋଗୀ ଆଦି ୨୫୦ ପ୍ରତିନିଧି ଯୋଗ ଦେଇଥିବା ବେଳେ ୧୫ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ଗୋଲାପ ପ୍ରଦର୍ଶନ ପାଇଁ ସଜାଯାଇଛି । ଏହି ଅବସରରେ ଲର୍ଡ ଜଗନ୍ନାଥ, ଲର୍ଡ ଲିଙ୍ଗରାଜ, ଶେଫାଳୀ ଓ ରାଧା ନାମରେ ନାମିତ ୪ଟି ନୂତନ ପ୍ରଜାତିର ଗୋଲାପକୁ ମୁଖ୍ୟ ଅତିଥି ଡ. ସାମନ୍ତ ଲୋକାର୍ପଣ କରିଥିଲେ ।

ଦୀର୍ଘ ୧୮ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ଏଭଳି ମେଗା ରୋଜ୍ କନଭେସନ ଓ ଗୋଲାପ ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ ୭ ତାରିଖ ପର୍ଯ୍ୟନ୍ତ ଚାଲିବ । କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ କିଟ୍ ବିଶ୍ୱ-ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଓ ମେଗା ସର୍ବ-ଭାରତୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଛି । ଜାନୁଆରୀ ୬ ଓ ୭ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଗୋଲାପ ପ୍ରଦର୍ଶନୀ ଖୋଲା ରହିବ । କାର୍ଯ୍ୟକ୍ରମରେ ସ୍ମରଣିକା ରୋଜ୍ ସୋଭେନିର ଓ ଓଡ଼ିଶା ଉଦ୍ୟାନ କୃଷି ସୋସାଇଟିର ସାଇଣ୍ଟିଫିକ ଜର୍ଣ୍ଣାଲ ରୋଜ୍ ଆନୁଆଲ ଉନ୍ମୋଚିତ ହୋଇଥିଲା ।

# ଭାରତୀଙ୍କୁ ମିଳିଲା ବିଏସ୍‌କେୱାଇ ସହାୟତା

**ଭୁବନେଶ୍ୱର,୫ା୧ :ନ୍ୟୁଜ୍‌ବ୍ୟୁରୋ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ଗରିବର ସାଥୀ ଓ ସାହାରା ସାଜିଛି । ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ବ୍ଲକ ଅନନ୍ତପୁର ଗ୍ରାମର ମହିଳା ଭାରତୀ ଜେନା ଗୁରୁତର ରୋଗରେ ପୀଡ଼ିତ ହୋଇଥିବା ବିଷୟ ଗଣମାଧ୍ୟମରୁ ଜାଣିବା ମାତ୍ରେ ରାଜ୍ୟ ବିଏସ୍‌କେୱାଇ ଟିମ୍ ତରଫରୁ ତାଙ୍କର ସହାୟତା ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା ।

ସ୍ଥିତି ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ୩୧ ବର୍ଷ ବୟସ୍କ ଭାରତୀ ଜେନା କ୍ୟାନସର ଆକ୍ରାନ୍ତ ହୋଇଛନ୍ତି । ଇତି ମଧ୍ୟରେ ତାଙ୍କର ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ସହ ଚିକିତ୍ସା ଆରମ୍ଭ କରାଯାଇଛି । ଭାରତୀଙ୍କୁ ୦୨୧୨୦୧୧୧୩୫୩ ନମ୍ବର କାର୍ଡ଼ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ କରାଯାଇଛି । ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଏହି କାର୍ଡ ମାଧ୍ୟମରେ ଭରଣା କରୁଛନ୍ତି ।

ବର୍ତ୍ତମାନ ଭାରତୀ କଟକ ଜିଲ୍ଲା ତେଲେଙ୍ଗାପେଣ୍ଠ ସ୍ଥିତ ପଣ୍ଡା କ୍ୟୁରି କ୍ୟାନସର ହସ୍ପିଟାଲରେ କେମୋଥେରାପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଚିକିତ୍ସା ନେଉଛନ୍ତି । ସେ ଏହି ଦୂରାରୋଗରୁ ଆରୋଗ୍ୟ ଲାଭ କରିବେ ବୋଲି ତାଙ୍କର ପରିବାର ଓ ଆତ୍ମୀୟ ସ୍ୱଜନମାନେ ଆଶା ପ୍ରକାଶ କରିବା ସହ ବିପଦ ବେଳେ ସଠିକ ଭାବେ ବିଏସ୍‌କେୱାଇ ସାହାଯ୍ୟ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଦୁଃଖକଥା ସକାରାତ୍ମକ ଭାବେ ଦୃଷ୍ଟିକୁ ଆଣିଥିବାରୁ ରାଜ୍ୟ ବିଏସ୍‌କେୱାଇ ଟିମ୍ ଗଣମାଧ୍ୟମଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଅଭ୍ୟର୍ଥନା ପାଇଁ ସ୍ୱତନ୍ତ୍ର ଡେସ୍କ, ମହାପ୍ରସାଦ ବ୍ୟବସ୍ଥା

**ପୁରୀ,୫ା୧ :ନ୍ୟୁଜ୍‌ବ୍ୟୁରୋ**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଜାନୁଆରୀ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଭବ୍ୟ ଆୟୋଜନ କରାଯାଇଛି । ପ୍ରତିଦିନ ଚାରିଦ୍ୱାରରେ ବେଦପାଠ ସାଙ୍ଗକୁ ସଂକୀର୍ତ୍ତନ, ଆଠସାହି ଆଖଡ଼ା ପକ୍ଷରୁ ସମରକଳା ପ୍ରଦର୍ଶିତ ହେବ । ସେପଟେ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ ପାଇଁ ବି ଆୟୋଜନ କରାଯାଇଛି । ଏଥିଲାଗି ସ୍ୱତନ୍ତ୍ର ଭାବେ ଆତିଥେୟତା ଓ ଅଭ୍ୟର୍ଥନା ଡେସ୍କ ଗଠନ କରାଯାଇଛି । ରାଜ୍ୟ, ଦେଶ ତଥା ଦେଶ ବାହାରୁ ଆସୁଥିବା ଅତିଥିମାନଙ୍କ ରହିବା, ଖାଇବା, ମହାପ୍ରଭୁଙ୍କ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି । ଅତିଥିମାନେ ମହାପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଛି ।

ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ନିମନ୍ତ୍ରଣପତ୍ର ଦେବାକୁ ଯାଇଥିବା ପ୍ରତିନିଧି ଦଳ ପ୍ରତି ଜିଲ୍ଲାର ଦୁଇ ପ୍ରମୁଖ ମନ୍ଦିରକୁ ନିମନ୍ତ୍ରଣ କରିଛନ୍ତି । ଦେଶର ୬୦ଟି ମନ୍ଦିରରେ ନିମନ୍ତ୍ରଣପତ୍ର ଦିଆଯାଇଛି । ଏହି ଅତିଥିମାନଙ୍କୁ ଆତିଥେୟତା ଦେବା ପାଇଁ ଏକ ଡେସ୍କ କାମ କରୁଛି । ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଏହାର ପରିଚାଳନା କରୁଛନ୍ତି । ପ୍ରତିନିଧି ଦଳ ଓଡ଼ିଶା ସମେତ ଦେଶ ଓ ଦେଶ ବାହାର ଯେଉଁ ଯେଉଁ ସ୍ଥାନକୁ ନିମନ୍ତ୍ରଣପତ୍ର ଦେବାକୁ ଯାଇଥିଲେ, ସେମାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଉଛି । କେଉଁମାନେ ଆସିବେ ଓ କେଉଁମାନେ ଆସିବେନି, ସେ ତାଲିକା ପ୍ରସ୍ତୁତ କରାଯାଉଛି । ସେମାନଙ୍କୁ ଆଣିବାର ବ୍ୟବସ୍ଥା ଆମେ କରୁଛୁ । ସେମାନଙ୍କ ପାଇଁ ଭକ୍ତ ନିବାସ ଓ ଅନ୍ୟ ଜାଗାରେ ରୁମ୍ ବୁକିଂ ଶେଷ ହୋଇଛି । ଯେଉଁ ଅଧିକାରୀ ଯେଉଁ ମନ୍ଦିର ଓ ଅନ୍ୟ ଜାଗାକୁ ନିମନ୍ତ୍ରଣପତ୍ର ଦେବାକୁ ଯାଇଥିଲେ, ସେମାନେ ସେହି ସେହି ଜାଗାରୁ ଆସୁଥିବା ଅତିଥିଙ୍କ ଆତିଥେୟତା କଥା ବୁଝିବେ । ଏଥିସହ ରଥଯାତ୍ରା ଡ୍ୟୁଟିରେ ଡେପୁଟେସନ୍‌ରେ ଆସୁଥିବା ଅଧିକାରୀଙ୍କୁ ବି ଏହି କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଶ୍ରୀ ବର୍ମା କହିଛନ୍ତି ।

# ଆଜିଠୁ ନବୀନ କାର୍ଡ ପାଇଁ ଅନଲାଇନ ଆବେଦନ

**ଭୁବନେଶ୍ୱର,୫ା୧ :ନ୍ୟୁଜ୍‌ବ୍ୟୁରୋ**

ଶନିବାରଠାରୁ ବିଏସକେୱାଇ-ନବୀନ କାର୍ଡ ପାଇଁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ଏହି ଅନଲାଇନ୍ ଆବେଦନର ଶେଷ ତାରିଖ ୧୬ତାରିଖ ରହିଛି । ସରକାରୀ ଚାକିରିଆ, ସରକାରୀ ପେନସନଧାରୀ ଓ ଆୟକରଦାତାଙ୍କୁ ବାଦ୍ ଗ୍ରାମାଞ୍ଚଳରେ ଥିବା ଅନ୍ୟ ସମସ୍ତ ପରିବାର ଏହି ନବୀନ କାର୍ଡ ପାଇଁ ଆବେଦନ କରିପାରିବେ ।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚ୍ଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ହାଇକୋର୍ଟରେ ବ୍ରାହ୍ମଣୀ ନଦୀ ପ୍ରଦୂଷଣ ମାମଲା

# ମୁଖ୍ୟ ସଚିବଙ୍କ ସତ୍ୟପାଠ : ବର୍ଜ୍ୟଜଳ ବିଶୋଧନ କରି ଛଡ଼ା ଯାଉଛି

**କଟକ,୫ା୧ :ନ୍ୟୁଜ୍‌ବ୍ୟୁରୋ**



କ୍ରୋମାଇଟ୍ ଖଣି ଯୋଗୁଁ ବ୍ରାହ୍ମଣୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳ ପ୍ରଦୂଷଣ ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ତରଫରୁ ପ୍ରଦୂଷଣ ରୋକିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯାଇଛି । ଏହି ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ବିଶେଷଜ୍ଞ କମିଟି ଦ୍ୱାରା ବ୍ରାହ୍ମଣୀ ନଦୀଜଳର ଯାଞ୍ଚ ଓ ପ୍ରଦୂଷଣ ପ୍ରସଙ୍ଗ ଅନୁଧ୍ୟାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । କମିଟି ଗଠନ ପାଇଁ ବିଶେଷଜ୍ଞଙ୍କ ତାଲିକା ଦେବା ଲାଗି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।

ମୁଖ୍ୟ ସଚିବଙ୍କ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ, ବ୍ରାହ୍ମଣୀ ଓ ଏହାର ଶାଖା ନଦୀକୁ କିପରି ସିଧାସଳଖ ବର୍ଜ୍ୟ ଜଳ ନ ଯିବ ସେଥିପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ମହାଗିରି/ ଦୈତାରୀ ରେଞ୍ଜରୁ ବାହାରିଥିବା ଡମଶାଳା ନାଳ ସୁକିନ୍ଦା ଉପତ୍ୟକା ଦେଇ ବ୍ରାହ୍ମଣୀ ନଦୀରେ ମିଶିଛି । ଦେଶର ବୃହତର କ୍ରୋମାଇଟ ଭଣ୍ଡାର ହେଉଛି ସୁକିନ୍ଦା ଉପତ୍ୟକା । ଏହି ଉପତ୍ୟକାରେ ରହିଥିବା ୧୦ଟି କ୍ରୋମାଇଟ ଖଣିରୁ ବର୍ଜ୍ୟଜଳ ଡମଶାଳା ନାଳକୁ ଯାଇଥାଏ । ଏଥି ମଧ୍ୟରୁ ୭ଟି ଖଣି ଏବେ କାର୍ଯ୍ୟକ୍ଷମ ଅଛି । ଏହିସବୁ ଖଣିରୁ ବାହାରୁଥିବା ପାଣିରେ ପ୍ରଦୂଷଣକାରୀ ହେକ୍ସାଭାଲେଣ୍ଟ କ୍ରୋମିୟମ ରହିଛି । ୨୦୧୨ରେ ଖଡ଼ଗପୁର ଆଇଆଇଟି ସହାୟତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଡମଶାଳା ନାଳରେ ହେକ୍ସାଭାଲେଣ୍ଟ କ୍ରୋମିୟମ ନିୟନ୍ତ୍ରଣ ପ୍ରସଙ୍ଗ ଓ ରହିଥିବା ବିଶୋଧନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । ସେତେବେଳେ କାର୍ଯ୍ୟକ୍ଷମ ଥିବା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକ ଏଥି ପାଇଁ ଯଥେଷ୍ଟ ନୁହେଁ ବୋଲି ଆଇଆଇଟି ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା । ଏହାପରେ ଆଇଆଇଟି ଅନୁମୋଦନ ଅନୁସାରେ ବିଶୋଧନ ବ୍ୟବସ୍ଥା ଉନ୍ନତତର କରିବା ପାଇଁ ବୋର୍ଡ ସବୁ ଖଣିକୁ ନିର୍ଦ୍ଦେଶ ଦେଇଥିଲା । ଡମଶାଳା ନାଳର ଜଳର ମାନରେ ଉନ୍ନତି ଆଣିବା ପାଇଁ ବୋର୍ଡ କଡ଼ା ନିର୍ଦ୍ଦେଶନାମା ଜାରି କରିଥିଲା ।

# ଏସ୍‌ଟିଏଫ୍‌ର ବାର୍ଷିକ ରିପୋର୍ଟ : ୧୨କୋଟିର ନିଶାଦ୍ରବ୍ୟ, ୭୨ଲକ୍ଷର ଜାଲ୍ ନୋଟ୍ ଜବତ

**ଭୁବନେଶ୍ୱର,୫ା୧ :ନ୍ୟୁଜ୍‌ବ୍ୟୁରୋ**

୨୦୨୩ରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବିଭିନ୍ନ ବଡ଼ବଡ଼ ଅପରାଧୀଙ୍କ ପିଛା କରି ସଫଳ ହୋଇଛି । ନିଶା ବେପାରୀଙ୍କଠାରୁ ଆରମ୍ଭ କରି ବନ୍ୟପ୍ରାଣୀ ଶିକାରୀ, ଜାଲ୍ ନୋଟ୍ ବେପାରୀ ଓ ସାଇବର ଅପରାଧୀଙ୍କୁ ବାନ୍ଧିଛି । ଏସ୍‌ଟିଏଫ୍‌ର ବାର୍ଷିକ ରିପୋର୍ଟ ଅନୁସାରେ ଗତବର୍ଷ ୪୧ ମାମଲାରେ ବିଭିନ୍ନ ବର୍ଗର ୭୫ ଅପରାଧୀଙ୍କୁ ଜେଲ୍ ହାଜତକୁ ପଠାଇଦିଆଯାଇଛି ।

ରିପୋର୍ଟ ଅନୁସାରେ ଗତବର୍ଷ ୧୩ଟି ଏନ୍‌ଡିପିଏସ୍‌ର ମାମଲାରେ ପାଖାପାଖି ୧୨କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି । ସେଥିରେ ରହିଛି ୮ କୋଟି ଟଙ୍କାର ବ୍ରାଉନ୍‌ସୁଗାର, ୨.୮୮୦ କେଜି ଅଫିମ, ୪୫୬ କେଜି ଗଞ୍ଜେଇ । ଏନ୍‌ଡିପିଏସ୍ ମାମଲାରେ ୭୫ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି । ସେହିଭଳି ଜବତ ୩୯ କୋଟି ଟଙ୍କାର ବ୍ରାଉନସୁଗାର ଓ ୮୦ କ୍ୱିଣ୍ଟାଲ ଗଞ୍ଜେଇ ନଷ୍ଟ କରାଯାଇଛି । ୧୭ଟି ବନ୍ୟପ୍ରାଣୀ ଅପରାଧ ମାମଲାରେ ୧୦ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ସେହିଭଳି ୧୪ଟି କଲରାପତରିଆ ବାଘ ଚମଡ଼ା ସହ ଗୋଟିଏ ମହାବଳ ବାଘ ଓ ୬ ହରିଣ ଛାଲ ଜବତ କରାଯାଇଛି । ଏଥିସହିତ ଗୋଟିଏ ବାରହା ଦାନ୍ତ ଓ କଇଁଛ ଖପୁରି ମଧ୍ୟ ଜବତ କରାଯାଇଛି । ଦୁଇଟି ମାମଲାରେ ୭୨ ଲକ୍ଷ ୫୦ ହଜାର ଟଙ୍କାର ଜାଲ୍ ନୋଟ୍ ଜବତ କରାଯାଇଛି । ବଡ଼ କଥା ହେଉଛି ଅନ୍ତଃରାଜ୍ୟ ଅପରାଧୀଙ୍କ ମଧ୍ୟରେ ମଣିପୁର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ, ଜମ୍ମୁ ଓ କଶ୍ମୀରରୁ ଜଣେ ଲେଖାଏଁ ଓ ପଶ୍ଚିମବଙ୍ଗର ୨ଜଣଙ୍କୁ ଗିରଫ କରାଯାଇଛି । ସାଇବର ଅପରାଧ କ୍ଷେତ୍ରରେ ଓଟିପି ସେୟାରିଂ କରି ଠକୁଥିବା ୭ଜଣ, ମେଲ୍ ଆକାଉଣ୍ଟ ମାମଲାରେ ୪ଜଣ, ପୁଞ୍ଜିନିବେଶ ଠକେଇ ମାମଲାରେ ୩ଜଣ ଓ ଜଣେ ସନ୍ଦିଗ୍ଧଙ୍କୁ ମଧ୍ୟ ଗିରଫ କରାଯାଇଛି ।




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com